Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ବାର୍ଷିକ ଦେୟ: ୩୦୦/-

ସଂଖ୍ୟା 21

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

# ସାପ୍ତାହିକ ବଦର କାଦିଆନ

# The Weekly BADAR Qadian ODIA

www.akhbarbadarqadian.in

ଗୁରୁବାର 25 ମଇ 2017    25 ହିଜ୍‌ରତ୍ 1396 ହି.ଶ    28 ଶାବାନ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ରମ୍‌ଜାନ୍ ମାସ ହେଉଛି ସେହି ମାସ ଯହିଁରେ ପବିତ୍ର କୋରାନ୍ ମାନବ ଜାତି ପାଇଁ ଏକ ମହାନ୍ ନୀତିଶିକ୍ଷା ରୂପେ ଅବତୀର୍ଣ୍ଣ କରାଯାଇଛି ।**
**ଏବଂ ଏପରି ପ୍ରକାଶ୍ୟ ପ୍ରମାଣମାନ ରହିଅଛି ଯେଉଁଥିରେ ନୀତି ଶିକ୍ଷାର ବିସ୍ତୃତ ବିବରଣୀ ତଥା ସତ୍ୟ ଓ ଅସତ୍ୟ ଉପରେ**
**ପାର୍ଥକ୍ୟ କରିପାରୁଥିବା ବିଷୟବସ୍ତୁ ନିହିତ ଅଛି । (ପବିତ୍ର କୋରାନ)**
**ଯେବେ ରମ୍‌ଜାନ୍ ମାସ ଆସେ ସେତେବେଳେ ଯନ୍ନତ (ସ୍ୱର୍ଗ)ର ଦ୍ୱାର ଖୋଲି ଦିଆଯାଏ ଓ**
**ଦୋଜଖ୍ (ନର୍କ)ର ଦ୍ୱାର ବନ୍ଦ୍ କରିଦିଆଯାଏ ତଥା ସଇତାନ୍‌କୁ ବାନ୍ଧିଦିଆଯାଏ । (ହଦିସ୍ ନବଓ୍ୱି)**

## ଅଲ୍ଲାଃତାଲାଙ୍କ ବାଣୀ

ୟା ଅୟୋହଲ୍ ଲଜିନା ଆମନୁ କୁତିବା ଆଲୈକୁମୁସ୍ ସିୟାମୁ.......ଲାଅଲ୍‌ଲ୍ଲକୁମ୍ ତତ୍‌ତକୁନ୍ ○ ଅୟାମମ୍ ମାଦୁଦାତ୍..........ଓ୍ୱ ଅନ୍ ତସୁମୁ ଖଏରୁଲ୍ ଲକୁମ୍ ଇନ୍ କୁନ୍‌ତୁମ୍ ତାଲମୁନ୍ ○ ଶହରୁ ରମଜାନଲ୍‌ଲ୍ଲଜି ଉନ୍‌ଜିଲା ଫିହିଲ୍ କୁରୁଆନୁ........ଓ୍ୱ ଲାଆଲ୍‌ଲକୁମ୍ ତଶ୍‌କୁରୁନ୍ ○ ଓ୍ୱ ଇଜା ସାଲକା ଇବାଦି.........ଲାଅଲ୍‌ଲହୁମ୍ ୟର୍‌ଶୁଦୁନ୍ ○

(ସୁରତୁଲ୍ ବକରା ଆୟତ ନଂ-୧୮୪-୧୮୭)

ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ତୁମ୍ଭମାନଙ୍କ ପାଇଁ ରୋଜା ରଖିବା (ମଧ୍ୟ ସେହିପରି) ଧାର୍ଯ୍ୟ କରାଯାଇଛି ଯେପରି ତୁମ୍ଭମାନଙ୍କ ପୂର୍ବବର୍ତୀ ଲୋକମାନଙ୍କ ସକାଶେ (ଏହା) ଧାର୍ଯ୍ୟ କରାଯାଇଥିଲା । ଫଳରେ ତୁମେମାନେ (ଆଧ୍ୟାତ୍ମିକ ଓ ନୈତିକ ଦୁର୍ବଳତାଜନିତ ତୃଟିରୁ) ରକ୍ଷା ପାଇବ ।

(ସୁତରାଂ ତୁମେମାନେ ରୋଜା ରଖ)କେତେକ ନିର୍ଦ୍ଧିଷ୍ଟ ଦିନରେ;ଏବଂ ତୁମ୍ଭମାନଙ୍କ ମଧ୍ୟରୁ ଯେଉଁବ୍ୟକ୍ତି ପିଡ଼ୀତ ଥାଏ ବା ଯାତ୍ରା କରୁଥାଏ ତେବେ (ତାହାକୁ) ଅନ୍ୟଦିନମାନଙ୍କରେ (ସେହି) ନିର୍ଦ୍ଧିଷ୍ଟ ସଂଖ୍ୟା (ପୁରଣ) କରିବାକୁ ହେବ; ଏବଂ ଯେଉଁମାନେ ଏହା (ଅର୍ଥାତ୍ କ୍ଷତିପୂରଣ) ଦେବାକୁ ସମର୍ଥ ସେମାନେ (କ୍ଷତି ପୂରଣ ସ୍ୱରୂପ) ଜଣେ (ଲେଖାଏଁ) ଦରିଦ୍ର ଲୋକଙ୍କୁ ଖାଇବାକୁ ଦେବା ବିଧେୟ; ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ଆଜ୍ଞା ପାଳନ କରି କୌଣସି ପୂଣ୍ୟ କାର୍ଯ୍ୟ କରିବ, ଏହା ତା ପକ୍ଷରେ ଉତ୍କୃଷ୍ଟ ହେବ; ଏବଂ ଯଦି ତୁମେ ଜାଣିଥାଅ ତେବେ (ବୁଝିପାରିବ ଯେ) ରୋଜା ରଖିବା ତୁମ୍ଭମାନଙ୍କ ପକ୍ଷରେ ଉତ୍କୃଷ୍ଟତର ।

ରମ୍‌ଜାନ୍ ମାସ ହେଉଛି ସେହି ମାସ ଯହିଁରେ (ପବିତ୍ର) କୋରାନ୍ ଅବତୀର୍ଣ୍ଣ ହୋଇଅଛି; ଯାହା ସମସ୍ତ ଲୋକମାନଙ୍କ ପାଇଁ ସତ୍‌ପଥ (ରୂପେ ପ୍ରେରିତ) ହୋଇଅଛି, ଏବଂ ଯହିଁରେ ପ୍ରକାଶ୍ୟ ପ୍ରମାଣମାନ ରହିଅଛି; (ଏପରି ପ୍ରମାଣମାନ) ଯାହା ସତ୍‌ପଥ ପ୍ରଦର୍ଶିତ କରେ ଏବଂ ତତ୍‌ସଙ୍ଗେ (ପବିତ୍ର କୋରାନ୍‌ରେ) ଅଲ୍ଲାଃଙ୍କର ନିଦର୍ଶନମାନ ମଧ୍ୟ ରହିଅଛି; ସୁତରାଂ ତୁମ୍ଭମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଏହି ମାସରେ (ପିଡ଼ୀତ ଓ ଯାତ୍ରୀ ନଥାଇ ଗୃହରେ) ଉପସ୍ଥିତ ଥିବ, ତା ପାଇଁ ସେହି ମାସରେ ରୋଜା ରଖିବା ଉଚିତ୍; ଏବଂ ଯେଉଁ ବ୍ୟକ୍ତି ପିଡ଼ୀତ ଥାଏ ବା ଯାତ୍ରା କରୁଥାଏ ତାହାକୁ ଅନ୍ୟାନ୍ୟ ଦିନରେ ଏହି ସଂଖ୍ୟା ପୂରଣ କରିବାକୁ ହେବ; ଅଲ୍ଲାଃ ତୁମ୍ଭମାନଙ୍କ ପାଇଁ ସହଜତା ଇଛା କରନ୍ତି; ଏବଂ ତୁମ୍ଭମାନଙ୍କ ପାଇଁ କଠିନତା ଇଛା କରନ୍ତି ନାହିଁ । (ଏବଂ ତୁମେମାନେ କଠିନତାରୁ ରକ୍ଷା ପାଇବା ପାଇଁ ସେ ଏହି ଆଦେଶ ଦେଇଛନ୍ତି) ଯଦ୍ୱାରା ତୁମେମାନେ (ନିର୍ଦ୍ଧିଷ୍ଟ) ସଂଖ୍ୟା ପୂରଣ କରିପାରିବ; ଏବଂ ଅଲ୍ଲାଃ ତୁମ୍ଭମାନଙ୍କୁ ସତ୍‌ପଥ ଦେଖାଇଥିବାରୁ ତାଙ୍କ ମହିମା ଗାନ କର; ଫଳରେ ତୁମେମାନେ (ତାଙ୍କଠାରେ) କୃତଜ୍ଞ ହେବ ।

ଏବଂ (ହେ ରସୁଲ୍ !) ଯେବେ ଆମ ଭକ୍ତମାନେ ତୁମ୍ଭକୁ ଆମ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ କୁହ ଆମ୍ଭେ ସେମାନଙ୍କ ନିକଟରେ ଅଛୁ; ପ୍ରାର୍ଥନାକାରୀ ଯେବେ ବି ଆମକୁ ପ୍ରାର୍ଥନା କରେ ଆମେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ; ସୁତରାଂ ଆମର ଆଦେଶ ଗ୍ରହଣ କରିବା ଓ ଆମ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ, ଫଳରେ ଲୋକମାନେ ସତ୍‌ପଥଗାମୀ ହେବେ ।

## ନବୀ ସ:ଆ:ସଙ୍କ ହଦିସ୍ (ବାଣୀ)

ହଜ୍‌ରତ୍ ଅବୁ ହୁରେରା ର:ଅ କହୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ:- ଯେତେବେଳେ ରମ୍‌ଜାନ୍ ମାସ ଆସେ ସେତେବେଳେ ଜନ୍ନତ୍‌ର ଦ୍ୱାର ଖୋଲିଦିଆଯାଏ ଓ ଦୋଜଖର ଦ୍ୱାର ବନ୍ଦ୍ କରିଦିଆଯାଏ ତଥା ସଇତାନ୍‌କୁ ବାନ୍ଧି ଦିଆଯାଏ ।

(ବୁଖାରି କିତାବୁସ୍ ସୌମ୍)

ଅନୁବାଦ:- ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରି କହୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ:- ଅଲ୍ଲାଃତାଲା କହୁଛନ୍ତି ମନୁଷ୍ୟର ସବୁ କାର୍ଯ୍ୟ ତା ନିଜ ପାଇଁ କିନ୍ତୁ ରୋଜା ହେଉଛି ମୋ ପାଇଁ ଓ ମୁଁ ନିଜେ ତାର ପୁରସ୍କାର ଦେବି । ଅର୍ଥାତ୍ ତାର ସେହି ପୁଣ୍ୟ ବଦଳରେ ମୁଁ ତାକୁ ମୋର ଦର୍ଶନ କରାଇବାର ସୌଭାଗ୍ୟ ପ୍ରଦାନ କରିବି । ଅଲ୍ଲାଃତାଲା କହୁଛନ୍ତି ରୋଜା ଢ଼ାଲ ସଦୃଶ । ତେଣୁ ତୁମ ଭିତରେ ଯିଏ ରୋଜା ରଖିଥିବ ସେ ନା ତ ଅଶିଷ୍ଟ କଥାବାର୍ତା କରିବ ନା ଗଣ୍ଡଗୋଳ କରିବ । ଯଦି କେହି ତା ସହିତ ଗାଳି ଗୁଲଜ କରେ ବା ଝଗଡ଼ା କରେ ତେବେ ସେ ଉତରରେ ଏତିକି କହିବ ଯେ ମୁଁ ରୋଜା ରଖିଛି । ମୁଁ ତା ରାଣ ଖାଉଛି ଯାହାଙ୍କ ଆୟତରେ ମୁହମ୍ମଦ୍ ସ:ଆ:ସଙ୍କ ଜୀବନ ଅଛି (ଅର୍ଥାତ୍ ଅଲ୍ଲାଃତାଲାଙ୍କ ରାଣ) ରୋଜାଦାର୍‌ଙ୍କ ମୁଖର ଗନ୍ଧ ଅଲ୍ଲାଃତାଲାଙ୍କ ନିକଟରେ କସ୍ତୁରିଠାରୁ ଅଧିକ ପବିତ୍ର ଓ ସୁଗନ୍ଧିତ ଅଟେ । କାରଣ ସେ ତା ନିଜର ଏପରି ଅବସ୍ଥା କେବଳ ଅଲ୍ଲାଃଙ୍କ ପାଇଁ କରିଛି । ରୋଜାଦାରଙ୍କ ପାଇଁ ଦୁଇଟି ଖୁସି ନିଶ୍ଚିତ ଅଛି । ଗୋଟିଏ ଖୁସି ତାକୁ ସେତେବେଳେ ହୋଇଥାଏ ଯେତେବେଳେ ସେ ରୋଜା ଖୋଲିଥାଏ । ଏବଂ ଦ୍ୱିତୀୟ ଖୁସି ସେତେବେଳେ ହେବ ଯେତେବେଳେ ରୋଜା ପାଇଁ ସେ ଖୁଦାତାଲାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇବ । (ବୁଖାରି କିତାବୁ ସୌମ୍)

## ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବାଣୀ

''ରୋଜାର ଯଥାର୍ଥତାକୁ ଲୋକେ ଜାଣି ନାହାନ୍ତି । ପ୍ରକୃତ କଥା ଏହା ଯେ ଯେଉଁ ଦେଶକୁ ମଣିଷ ଯାଏ ନାହିଁ ଓ ଯେଉଁ ଦୁନିଆକୁ ସେ ଜାଣିନାହିଁ ସେ ତା ବିଷୟରେ କଣ କହିପାରିବ । ରୋଜା କେବଳ ଏତିକି ନୁହେଁ ଯେ ଏଥିରେ ମଣିଷ ଭୋକ ଓ ଶୋଷରେ ରହିବ ବରଂ ଏହାର ଏକ ଯଥାର୍ଥତା ଅଛି ଓ ଏକ ପ୍ରଭାବ ରହିଛି ଯାହା ପ୍ରୟୋଗ ଦ୍ୱାରା ଜଣାପଡ଼ିଥାଏ । ମଣିଷ ପ୍ରକୃତିରେ ଏହା ଅଛି ଯେ ସେ ଯେତେ କମ୍ ଖାଏ ତାର ଆତ୍ମା ସେତେ ପବିତ୍ର ହୋଇଥାଏ ଓ ତା ଦିବ୍ୟ ଦୃଷ୍ଟିର ଶକ୍ତି ବୃଦ୍ଧି ହୋଇଥାଏ । ଅଲ୍ଲାଃତାଲାଙ୍କର ଏଥିରେ ଏହି ଇଛା ନିହିତ ଅଛି ଯେ ଗୋଟିଏ ଖାଦ୍ୟକୁ କମ୍ କର ଓ ଅନ୍ୟଟିକୁ ଅଧିକା କର । ରୋଜାଦାର୍‌ମାନଙ୍କୁ ସର୍ବଦା ଏ ଲକ୍ଷ୍ୟ ରଖିବା ଉଚିତ୍ ଯେ ଏହାର ଏତିକି ଅର୍ଥ ନୁହେଁ ଯେ ସେ କେବଳ ଭୋକିଲା ରହିବ ବରଂ ତାକୁ ଦରକାର ଯେ ଅଲ୍ଲାଃତାଲାଙ୍କ ସ୍ମରଣରେ ସେ ବେସ୍ତ ରହିବ । ଯଦ୍ୱାରା କ୍ରମଶଃ ସାଂସାରିକ ମୋହ ଭଙ୍ଗ ହେବ । ତେଣୁ ରୋଜାର ଅର୍ଥ ଏହା ଯେ ମଣିଷ ଗାଟିଏ ରୁଟିକୁ ଛାଡ଼ିଥାଏ ଯାହା କେବଳ ଶରୀରକୁ ପୋଷଣ କରେ ଓ ଅନ୍ୟ ରୁଟିକୁ ହାସଲ କରେ ଯାହା ଆତ୍ମାକୁ ସନ୍ତୋଷ ଓ ତୃପ୍ତି ପ୍ରଦାନ କରିଥାଏ । ଯେଉଁମାନେ କେବଳ ଖୁଦାଙ୍କ ନିମନ୍ତେ ରୋଜା ରଖିଥାନ୍ତି, ପ୍ରଥା ରୂପେ ନୁହେଁ ସେମାନଙ୍କୁ ଦରକାର ଯେ ସେମାନେ ଅଲ୍ଲାଃତାଲାଙ୍କ ହମ୍‌ଦ୍ (ପ୍ରଶଂସା) ଓ ତହ୍‌ଲିଲ୍ (ଏକଶ୍ୱରବାଦର କଲ୍‌ମା) ପଢ଼ିବାରେ ଲାଗି ରୁହନ୍ତୁ । ଯଦ୍ୱାରା ତାଙ୍କୁ ଅନ୍ୟ ଖାଦ୍ୟଟି ମିଳିଯିବ ।

(ମଲ୍‌ଫୁଜାତ୍ ଖଣ୍ଡ-୫, ପୃଷ୍ଠା-୧୦୨, ଏଡ଼ିଶନ୍-୨୦୦୩)

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

## ବଡ଼ ସୌଭାଗ୍ୟ ଓ ବର୍‌କତ୍‌ର ମାସ ନିକଟକୁ ଆସିଯାଇଛି

ଅଲ୍‌ହମ୍‌ଦୋଲିଲାଃ ସୁମ୍ମା ଅଲ୍‌ହମ୍‌ଦୋଲିଲାଃ ପବିତ୍ର ରମ୍‌ଜାନ୍ ମାସ ପୁଣିଥରେ ଆମ ଜୀବନରେ ଆସିବାକୁ ଯାଉଛି । ଯେଉଁ ଲୋକମାନେ ରମ୍‌ଜାନ୍ ବିତିଯିବା ପରେ ବର୍ଷ ସାରା ରମ୍‌ଜାନ୍‌ର ଅପେକ୍ଷାରେ ଥାଆନ୍ତି ସେମାନଙ୍କୁ ବହୁତ ବହୁତ ମୁବାରକ୍ (ଶୁଭେଚ୍ଛା) ଯେ ସେମାନଙ୍କର ମନବାଞ୍ଛା ପୂର୍ଣ୍ଣ ହେବାକୁ ଯାଉଅଛି । ଅଲ୍ଲାଃ ଓ ତାଙ୍କ ରସୁଲ୍ ସ:ଆ:ସ ରୋଜା ରଖିବା ପାଇଁ ବହୁତ ତାଗିଦ୍ କରିଛନ୍ତି । ଅଲ୍ଲାଃ ଓ ତାଙ୍କ ରସୁଲ୍ ସ:ଆ:ସ ଙ୍କ ଆଦେଶାବଳୀ ଗୁଡିକ ସଂକ୍ଷିପ୍ତରେ ଉପସ୍ଥାପନ କରାଯାଉଛି ।

ଅଲ୍ଲାଃତାଲା ରୋଜା ରଖିବାର ଧାର୍ଯ୍ୟକୁ ନିମ୍ନଲିଖିତ ଶବ୍ଦରେ ବର୍ଣ୍ଣନା କରିଛନ୍ତି:-

(୧) ୟା ଅୟୋହଲ୍‌ଲଜିନା ଆମ୍‌ନୁ କୁତିବା ଆଲୈକୁମୁସ୍ ସିୟାମୁ କମା କୁତିବା ଅଲଲ୍ ଲଜିନା ମିନ୍ କବ୍‌ଲିକୁମ୍:- ଅଲ୍ଲାଃତାଲା କହୁଛନ୍ତି ଯେ ମୋମିନ୍‌ଙ୍କ ନିମନ୍ତେ ରୋଜା ରଖିବା ଧାର୍ଯ୍ୟ କରାଯାଇଛି । ଅର୍ଥାତ୍ ପ୍ରତ୍ୟେକ ମୁସଲ୍‌ମାନ୍ ଯିଏ ସାବାଳକ, ବୁଦ୍ଧିମାନ୍ ଓ ସ୍ୱାସ୍ଥ୍ୟବାନ୍ ଥିବେ, ପୀଡ଼ିତ ନଥିବେ ବା ଯାତ୍ରା କରୁନଥିବେ । ଯଦି ସେମାନେ ରୋଜା ନ ରଖିବେ ସେ ଅଲ୍ଲାଃତାଲାଙ୍କର ବହୁତ ବଡ଼ ଆଦେଶର ଅମାନ୍ୟକାରୀ ହେବେ ଯାହା ବହୁତ ବଡ଼ ଗୁନାହ୍(ପାପ) ଅଟେ । ଏହି କାରଣରୁ ଆଁ ହଜ୍‌ରତ୍ ସ:ଆ:ସ କହିଲେ:- ''ମନ୍ ଅଫ୍‌ତରା ୟୋମନ୍.........ୱ ଲୌ ସାମଦ୍ ଦହ୍‌ରା'' (ମସ୍‌ନଦ୍ ଦାର୍‌ମି ବାବ୍ ମନ୍ ଅଫ୍‌ତରା ୟୋମନ୍ ମିନ୍ ରମ୍‌ଜାନା ମୁତଅମିଦନ୍)

ଅର୍ଥାତ୍:- ଯେଉଁ ବ୍ୟକ୍ତି ରମ୍‌ଜାନ୍‌ର ଗୋଟିଏ ରୋଜା ମଧ୍ୟ ବିନା କାରଣରେ ଓ ବିନା ରୋଗରେ ଛାଡ଼ିଥାଏ ତେବେ ସେ ଛାଡ଼ିଦେଇଥିବା ରୋଜା ବଦଳରେ ସାରାଜୀବନ ରୋଜା ରଖିଲେ ମଧ୍ୟ ତାହା ପୂରଣ ହୋଇନଥାଏ ।

(୨)ପୁଣି ଅଲ୍ଲାଃତାଲା ରୋଜାର ଉଦ୍ଦେଶ୍ୟକୁ ବର୍ଣ୍ଣନା କରି କହୁଛନ୍ତି:- ଲାଅଲ୍‌ଲକୁମ୍ ତତ୍‌ତକୁନ୍ । ଅର୍ଥାତ୍- ମୁଁ ରୋଜାକୁ ତୁମ ଉପରେ ଏଥିପାଇଁ ଧାର୍ଯ୍ୟ କରିଛି ଯଦ୍ୱାରା ତୁମେ ତକ୍‌ୱା ଗ୍ରହଣ କରି ମୁତ୍‌ତକି ହୋଇଯିବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପ୍ରତ୍ୟେକ ନେକି (ପୁଣ୍ୟ)ର ମୂଳ ତକ୍‌ୱା ବୋଲି କହିଛନ୍ତି । ଆପଣଙ୍କ ବହୁତ ପ୍ରସିଦ୍ଧ ପଦ-

ହର୍ ଏକ୍ ନେକି କା ଜଡ଼୍<br>
ୟେ ଇତ୍‌ତକା ହୈ<br>
ଅଗର୍ ୟେ ଜଡ଼୍ ରହି<br>
ସବ୍‌କୁଛ୍ ରହା ହୈ ।

ଅର୍ଥାତ୍ - ପ୍ରତ୍ୟେକ ପୁଣ୍ୟର<br>
ମୂଳ ତକ୍‌ୱା ଅଟଇ<br>
ସବୁକିଛି ରହେ ଯଦି<br>
ଏହି ମୂଳଟି ରହଇ ।

ଯେତେବେଳେ ସୟଦ୍‌ନା ମୌଲାନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପଦର ପ୍ରଥମ ଧାଡ଼ିଟି ଲେଖିସାରିଲେ ସେତେବେଳେ ଦ୍ୱିତୀୟ ଧାଡ଼ିଟିକୁ ଅଲ୍ଲାଃତାଲା ଆପଣଙ୍କୁ ଏଲ୍‌ହାମ୍ (ଐଶ୍ୱରିକ ବାଣୀ) ଦ୍ୱାରା ବତାଇଦେଲେ । ଅର୍ଥାତ୍- ଯଦି ତକ୍‌ୱା ଅଛି ତେବେ ସବୁକିଛି ଅଛି । ଯଦି ତକ୍‌ୱା ନାହିଁ ତେବେ କିଛି ନାହିଁ ।

ଇତ୍‌ତକାର ଅର୍ଥ ଢ଼ାଲ ବନାଇବା । ରୋଜାଦାର ଅଲ୍ଲାଃତାଲାଙ୍କୁ ନିଜର ଢ଼ାଲ ବନାଇଥାଏ । ଫଳତଃ ସେ ପ୍ରତ୍ୟେକ ପ୍ରକାରର ଅପମାନ ଓ ତିରସ୍କାରରୁ ବଂଚିଯାଏ ଏବଂ ପ୍ରତ୍ୟେକ ପ୍ରକାରର ସମ୍ପନ୍ନତା ହାସଲ କରେ । ଆଁ ହଜ୍‌ରତ୍ ସ:ଆ:ସ କହିଲେ ୱସ୍ ସିୟାମୁ ଜୁନ୍ନତୁନ୍ । ଅର୍ଥାତ୍ ରୋଜା ଢ଼ାଲ ସଦୃଶ ଅଟେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

ମୋର ବିଶ୍ୱାସ ଏହା ଯେ ଯଦି ମନୁଷ୍ୟ ସଂସାରର ପ୍ରତ୍ୟେକ ଅପମାନ ଓ କଠିନତାରୁ ବଂଚିବାକୁ ଚାହେଁ ତେବେ ତା ପାଇଁ ଏକମାତ୍ର ରାସ୍ତା ଯେ ସେ ମୁତ୍‌ତକି ହୋଇଯାଉ । (ମଲ୍‌ଫୁଜାତ୍ ଖଣ୍ଡ-୧ମ, ପୃଷ୍ଠା-୯୯, ଏଡ଼ିଶନ୍-୨୦୦୩ କାଦିଆନ୍)

(୩) ଅଲ୍ଲାଃତାଲା ଆଗକୁ ପୁଣି କହୁଛନ୍ତି:- ୱ ଅନ୍ ତସୁମୁ ଖଏରୁଲ୍ ଲକୁମ୍ ଇନ୍‌କୁନ୍‌ତୁମ୍ ତାଲମୁନ୍ । ଅର୍ଥାତ - ରୋଜା ରଖିବା ତୁମ ପାଇଁ ଉତମ ଅଟେ । ତୁମେ ଯଦି ଏହି କଥାକୁ ବୁଝିପାରନ୍ତ । ମନର ବାହାନା ବେଳେବେଳେ ରୋଜାର ରାସ୍ତାକୁ ରୋକିଥାଏ । ଅଲ୍ଲାଃତାଲା କହୁଛନ୍ତି ତୁମର ରୋଜା ରଖବାଟା ତୁମପାଇଁ ଉତମ ଅଟେ ।

(୪) ପୁଣି ଆଗକୁ ଅଲ୍ଲାଃତାଲା କହୁଛନ୍ତି:- ଶହ୍‌ରୁ ରମ୍‌ଜାନଲ୍ଲଜି ଉନ୍‌ଜିଲା ଫିହିଲ୍ କୁର୍‌ଆନୁ ହୁଦଲ୍ ଲିନ୍‌ନାସେ ୱ ବୟେନାତିମ୍ ମିନଲ୍ ହୁଦା ୱଲ୍ ଫୁରୁକାନ୍ । ○ ଅର୍ଥାତ୍- ରମ୍‌ଜାନ୍ ମାସ ସାମାନ୍ୟ ମାସ ନୁହେଁ । ବହୁତ ମହାନ୍ ବୈଭବଶାଳୀ ଅଟେ । ଏହି ପବିତ୍ର ମାସରେ ପବିତ୍ର କୋରାନ୍ ଅବତୀର୍ଣ୍ଣ ହୋଇଛି । କୁହାଯାଏ ଯେ ଗାରେ ହୀରାରେ (ହୀରା ଗୁମ୍ଫାରେ) ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ପବିତ୍ର କୋରାନ୍‌ର ଯେଉଁ ଆୟତ ସର୍ବ ପ୍ରଥମେ ଅବତୀର୍ଣ୍ଣ ହେଲା ତାହା 'ଇକ୍‌ରା ବିସ୍‌ମେ ରବ୍‌ବିକଲ୍ ଲଜି ଖଲକ୍' ବାକ୍ୟ ଥିଲା ଓ ତାହା ରମ୍‌ଜାନ୍‌ର ୨୪ ତାରିଖ ଥିଲା । ଏହାର ଗୋଟିଏ ଅର୍ଥ ଏହା ଯେ ରମ୍‌ଜାନ୍ ମାସ ସେହି ମହାନ୍ ମାସ ଅଟେ ଯାହା ବିଷୟରେ ପବିତ୍ର କୋରାନ୍‌ରେ ନିର୍ଦ୍ଦେଶମାନ ଅବତୀର୍ଣ୍ଣ ହୋଇଛି । ଏବଂ ପବିତ୍ର କୋରାନ୍‌ରେ ବିଶେଷ ଭାବେ ରମ୍‌ଜାନ୍ ବିଷୟରେ ନିର୍ଦ୍ଦେଶମାନ ଅବତୀର୍ଣ୍ଣ ହେବା ରମ୍‌ଜାନ୍‌କୁ ବହୁତ ଗୁରୁତ୍ୱପୂର୍ଣ୍ଣ କରିଦେଇଛି । ଏଥିପାଇଁ ଅଲ୍ଲାଃତାଲା ପୁଣିଥରେ ମୋମିନ୍ ମାନଙ୍କ ପାଇଁ କହୁଛନ୍ତି ଯେ ''ଫମନ୍ ଶହିଦା ମିନ୍‌କୁମୁଶ୍ ଶହ୍‌ରା ଫଲ୍ ୟସୁମ୍‌ହୁ'' ସୁତରାଂ ତୁମମାନଙ୍କ ମଧ୍ୟରୁ ଯେ କୌଣସି ବ୍ୟକ୍ତି ଏହି ମାସକୁ ପାଇବ ତାଙ୍କୁ ଦରକାର ଯେ ସେ ଏହାର ରୋଜାକୁ ରଖୁ । ତେଣୁ ବାରମ୍ବାର ଅଲ୍ଲାଃତାଲା ଆମକୁ ରୋଜା ରଖିବା ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି ।

(୫) ପୁଣି ଆଗକୁ ଅଲ୍ଲାଃତାଲା କହୁଛନ୍ତି:- ୟୁରିଦୁଲ୍‌ଲ୍ଲାଃହୁ ବିକୁମୁଲ୍ ୟୁସ୍‌ରା ୱଲା ୟୁରିଦୁ ବିକୁମୁଲ୍ ଉସ୍‌ରା ଅର୍ଥାତ୍ ଅଲ୍ଲାଃତାଲା ତୁମପାଇଁ ସହଜତା ଚାହୁଁଛନ୍ତି, ସଂକୀର୍ଣ୍ଣତା ଓ କଷ୍ଟ ଚାହାଁନ୍ତି ନାହିଁ । ସୁବ୍‌ହାନଲ୍ଲାଃ ! କେଡ଼େ ଦୟାଳୁ ଓ କୃପାଳୁ ଅଟନ୍ତି ସେ ଯିଏ ନିଜର ସୃଷ୍ଟଜଙ୍କୁ ସବୁକ୍ଷେତ୍ରରୁ ବୁଝାଇବା ପାଇଁ ଚେଷ୍ଟା କରିଛନ୍ତି । ପୁଣି ଯଦି କେହି ନମାନେ ତେବେ ସେ ତାହାର ଇଚ୍ଛା ଅଟେ । କହୁଛନ୍ତି ଯେ ମୋର କିଛି ଭକ୍ତ ରୋଜାକୁ ନିଜ ଉପରେ କଠିନ ଓ ଭାର ସଦୃଶ ବୁଝିବେ କିନ୍ତୁ ବାସ୍ତବିକତା ଏହା ଅଟେ ଯେ ରୋଜାର ନିର୍ଦ୍ଦେଶ ଏଥିପାଇଁ ଅଛି ଯାହାଦ୍ୱାରା ତୁମପାଇଁ ସହଜତା ଜନ୍ମ ନେବ । ଏହା କଦାପି ତୁମ ପାଇଁ ସଂକୀର୍ଣ୍ଣତା, କଷ୍ଟ ଓ ହଇରାଣର କାରଣ ହେବନାହିଁ । ତେଣୁ କହିଲେ:-

(୬) ୱ ଲିତୁକ୍‌ମିଲୁଲ୍ ଇଦ୍‌ଦତା ୱ ଲିତୁକବ୍‌ବିରୁଲ୍ଲାଃ ଆଲା ମା ହଦାକୁମ୍ ୱ ଲାଅଲ୍‌ଲକୁମ୍ ତଶ୍‌କୁରୁନ୍○ ଅର୍ଥାତ୍- ଅଲ୍ଲାଃ ଚାହୁଁଛନ୍ତି ଯେ ତୁମେ ତୁମ ସୁବିଧା ଅନୁସାରେ ସଂଖ୍ୟା ପୁରା କର ଓ ଅଲ୍ଲାଃଙ୍କ ଗୁଣଗାନ କର । ଏଥିପାଇଁ ଯେ ସେ ତୁମକୁ ହିଦାୟତ୍ ଦେଇଛନ୍ତି ଯଦ୍ୱାରା ତୁମେ ତାଙ୍କର ପ୍ରଶଂସା କରିବ । ତେଣୁ ଅଲ୍ଲାଃତାଲା କହୁଛନ୍ତି ଯେ ରୋଜା ହିଦାୟତ୍ ଅଟେ, ସହଜ ଅଟେ । ଦୁଇ,ଚାରି ବା ଦଶ,ବାର ଗୋଟି ରେଜା ରଖି ଏହା ଭାବିବା ଉଚିତ୍ ନୁହେଁ ଯେ ମୁଁ ରୋଜ ରଖିଦେଇଛି । ଅଲ୍ଲାଃତାଲା କହୁଛନ୍ତି ଯେ ସଂଖ୍ୟା ପୂର୍ଣ୍ଣ କରିବାକୁ ହେବ ଓ ପୁରା ଅଣତିରିଶି ବା ତିରିଷିଟି ରୋଜା ରଖିବାକୁ ହେବ । ରମ୍‌ଜାନ୍ ପରେ ସାଧାରଣତଃ ଜଣେ ଅନ୍ୟଜଣକୁ ପଚାରିଥାଏ ଯେ କେତେ ରୋଜା ରଖିଛ । ପୁଣି ଜଣେ ଅନ୍ୟ ଜଣକୁ ସଂଖ୍ୟା ବତାଇଥାଏ । ଅଲ୍ଲାଃତାଲା କହୁଛନ୍ତି ରୋଜା ସମ୍ପୂର୍ଣ୍ଣ ରଖିବ । ଗଣତି ପୁରା କରିବ ।

(୭) ପୁଣି ଆଗକୁ ଯାଇ ଅଲ୍ଲାଃତାଲା ରୋଜା ବିଷୟରେ ନିଜର ନିକଟତର ହେବାପାଇଁ ଓ ଦୁଆ ଗ୍ରହଣୀୟ ହେବା ବିଷୟରେ ବର୍ଣ୍ଣନା କରି କହୁଛନ୍ତି-ୱ ଇଜା ସାଲକା ଇବାଦି ଅନ୍ନି ଫଇନ୍ନି କରିବ୍ ଉଜିବୁ ଦାଓ୍ୱତଦ୍ ଦାଇ ଇଜା ଦଆନି ଫଲ୍ ୟସ୍‌ତଯିବୁଲି ୱଲ୍ ୟୁମିନୁବି ଲାଆଲ୍‌ଲହୁମ୍ ୟର୍‌ଶୁଦୁନ୍○ ଅର୍ଥାତ୍-ଯେତେବେଳେ ମୋ ଭକ୍ତ ମୋ ବିଷୟରେ ପ୍ରଶ୍ନ କରନ୍ତି ତେବେ ତୁମେ ତାଙ୍କୁ କହିଦିଅ ଯେ ମୁଁ ନିଶ୍ଚିତ

ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ....

# ଖୁତ୍‌ବା ଜୁମା

◆ଆମ୍ଭ ଉପରେ ଅଲ୍ଲାଃଙ୍କର ଅଶେଷ କୃପା ଯେ ସେ ଆମ୍ଭକୁ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବା ଓ ତାଙ୍କ ବୟତରେ ସାମିଲ୍ ହେବାର ସୁଯୋଗ ପ୍ରଦାନ କଲେ । ଏହା ଆମ୍ଭ ବିଶ୍ୱାସରେ ବୃଦ୍ଧି ଘଟାଇବାର ମାଧ୍ୟମ ସାଜିବା ଉଚିତ୍, କାରଣ ଯଦି ଆପଣଙ୍କୁ ସ୍ୱୀକାର କଲାପରେ ଆମ୍ଭର ବିଶ୍ୱାସରେ ଅଭିବୃଦ୍ଧି ଘଟୁ ନାହିଁ ତେବେ ଆପଣଙ୍କ ଆନୁଗତ୍ୟ ସ୍ୱୀକାର କରିବା ନିରର୍ଥକ । ଆମ୍ଭକୁ ମୁକ୍ତ ଭାବରେ କୌଣସି ପ୍ରକାର ଦୁର୍ବଳ ମନୋଭାବ ପୋଷଣ ନକରି ଇସଲାମର ବାର୍ତା ଅନ୍ୟମାନଙ୍କ ନିକଟରେ ପହଂଚାଇବା ଉଚିତ୍ ।

◆ବର୍ତମାନ ମୁସଲମାନମାନଙ୍କ ଅବସ୍ଥା ଯେପରି ତାହା ହିଁ ହଜରତ ମହମ୍ମଦ ସ.ଆ ଭବିଷ୍ୟବାଣୀ କରିଥିଲେ କି ସମୟ ଆସିବ ଯେତେବେଳେ ମୁସଲମାନମାନେ ପଥଭ୍ରଷ୍ଟ ହୋଇଯିବେ ଏବଂ ସେମାନଙ୍କ ମଧ୍ୟରେ ବିଭ୍ରାଟ ଦେଖାଦେବ । ଏଥି ନିମନ୍ତେ ନାମକୁ ମାତ୍ର ମୌଲବି ବୋଲାଉଥିବା ଲୋକେ ହିଁ ଦାୟୀ ହେବେ । ସେମାନେ ସଂସାରକୁ ପ୍ରାଥମିକତା ଦେବେ ସେତେବେଳେ ହିଁ ମସିହ ମଉଦଙ୍କର ଆବିର୍ଭାବ ହେବ ଏବଂ ସେ ପ୍ରକୃତ ଇସଲାମର ଛବି ସଂସାରବାସୀଙ୍କୁ ଦେଖାଇବେ । ଅତଏବ ଆମେ ଅହେମଦି ଯେ କି ହଜରତ ମସିହ ମଉଦ ଆ.ସଙ୍କ ଆନୁଗତ୍ୟ ସ୍ୱୀକାର କରିଛେ । ଆପଣ ଯେଭଳି ଆମକୁ ଇସଲାମର ସୁନ୍ଦର ଛବି ଦେଖାଇଲେ ଓ ବୁଝାଇଲେ ସେହିପରି (ଆମେ) ଅମଳ କରୁଅଛେ ।

◆ହଜରତ ମସିହ ମଉଦ ଆ.ସ ଯେଉଁ ଜମାଅତର ପ୍ରତିଷ୍ଠା କରିବା ନିମନ୍ତେ ଆସିଥିଲେ ତାହା କେବଳ ବିଶ୍ୱାସର ସଂଶୋଧନ କରିବା ନଥିଲା ବରଂ ପ୍ରତ୍ୟେକ ସ୍ତରରେ ନିଜ ଅମଳକୁ ସଂଶୋଧନ କରୁଥିବା ଜମାଅତ ଗଠନ କରିବା ଥିଲା । ସୁତରାଂ ଏହି ଦୃଷ୍ଟି କୋଣରୁ ଆମ୍ଭ ସମସ୍ତଙ୍କୁ ନିଜ ନିଜର ନିରିକ୍ଷଣ କରିବା ଉଚିତ୍ ।

◆ଆମଠାରୁ ଇସଲାମର କଥା ଶୁଣିବା ପରେ ଲୋକମାନଙ୍କ ଚିନ୍ତାଧାରା (ଇସଲାମ ସମ୍ବନ୍ଧରେ) କିପରି ବଦଳୁଛି ତାହାର କିଛି ଉଦାହରଣ ଉପସ୍ଥାପନ କରୁଅଛି । ଜଣେ ଡ଼ାକ୍ତର କହିଲେ ଆଜି ମୁଁ ଇସଲାମକୁ ଜାଣିଲି ଯାହାକି ଘୃଣା ଦ୍ୱାରା ନୁହେଁ ବରଂ ପ୍ରେମ ଦ୍ୱାରା ପ୍ରସାର ଲାଭ କରୁଅଛି ।

◆ବିଶ୍ୱ ବିଦ୍ୟାଳୟରେ ଅଧ୍ୟୟନରତ କେତେକ ଯୁବକ ଯୁବତୀମାନଙ୍କ ଚିନ୍ତାଧାରା ଏପରି ଅଟେ କି ପୁରୁଣା ଜ୍ଞାନୀ ଓ ନୀୟମ ପ୍ରସ୍ତୁତିକାରୀ ତଥା ଇମାମ ଓ ସନ୍ଥଙ୍କ ଜୀବନୀ ପାଠ କରି ଆମେ ବେଶ୍ ଜ୍ଞାନ ଅର୍ଜନ କରିନେଇଛୁ ଏବଂ ଆମ୍ଭର କେହି ମୁକାବିଲା କରିପାରିବେ ନାହିଁ । ଯଦି କେହି ଏପରି ମତ ପୋଷଣ କରି ବସିଥାଏ ତେବେ ତାହାକୁ ନିଜ ମନରୁ ଏଭଳି ଚିନ୍ତାଧାରା ବାହର କରିନେବା ଉଚିତ୍ । ପୁରୁଣା ଜ୍ଞାନୀ ଓ ସନ୍ଥ ମାନଙ୍କୁ ବର୍ଜନ କର ବର୍ତମାନ ପ୍ରକୃତ ଜ୍ଞାନ ଓ ଇସଲାମର ପ୍ରକୃତ ଛବି କେବଳ ହଜରତ ମସିହ ମଉଦ ଆ.ସଙ୍କ ଲେଖା ପାଠ କରିବା ଦ୍ୱାରା ହାସଲ ହୋଇପାରିବ ।

◆ହଜରତ ମସିହ ମଉଦ ଆ.ସ ଏକ ସ୍ଥାନରେ କୁହନ୍ତି- ଯେ ବିଶ୍ୱାସ ଆଣିଥାଏ ତାହାକୁ ନିଜ ବିଶ୍ୱାସ ମାଧ୍ୟମରେ ନିଜ ଜ୍ଞାନର ସ୍ତରକୁ ଅଭିବୃଦ୍ଧି କରିବା ଉଚିତ୍, ନା କି ଭ୍ରମ ଚିନ୍ତାଧାରାରେ ସଂଶ୍ଲିଷ୍ଟ ରହିବା । ଆପଣ କୁହନ୍ତି ବିଶ୍ୱାସ ବ୍ୟତୀତ କିଛି ସମ୍ଭବ ନୁହେଁ । ବର୍ତମାନ ସ୍ୱୟଂ ଅନୁଧ୍ୟାନ ଓ ବିଚାର କର କି କ'ଣ ତୁମେ ମୋ ହାତରେ ଯେଉଁ ବୟତ କରିଛ, ମୋତେ ମସିହ ମଉଦ ତଥା ହାକିମ ଓ ନ୍ୟାୟ ବିଚାରକ ସ୍ୱୀକାର କଲାପରେ ଯଦି ମୋର କୌଣସି ନିଷ୍ପତି କିମ୍ବା କାର୍ଯ୍ୟରେ ତୁମ ହୃଦୟରେ କୌଣସି ପ୍ରକାରର ସନ୍ଦେହ କିମ୍ବା ଦୁଃଖ ଉତ୍ପନ୍ନ ହୁଏ ତେବେ ନିଜ ବିଶ୍ୱାସ ପ୍ରତି ଚିନ୍ତିତ ହୁଅ ।

◆ହଜୁର ଅନୱର ଅ.ବ କହିଲେ ପ୍ରଥମ କଥା ଏହି କି ଯେ, ଆମ୍ଭକୁ କୌଣସି ପ୍ରକାରର ଦୁର୍ବଳ ମନୋଭାବର ସ୍ୱୀକାର ହେବାର ଆବଶ୍ୟକତା ନାହିଁ । କେତେକ ବିଷୟରେ ଯଦି ପୁରୁଣା ଜ୍ଞାନୀ ଓ ସନ୍ଥମାନଙ୍କ ମନ୍ତବ୍ୟ ରହିଛି ତେବେ ଏହି ନ୍ୟାୟ ବିଚାରକ ଓ ହାକିମ ହଜରତ ମସିହ ମଉଦଙ୍କ ନିକଟରେ ସେମାନଙ୍କର କୌଣସି ପ୍ରକାରର ତୁଳନା ନାହିଁ । ଯେତେବେଳେ ଅନ୍ତିମ ଖଲିଫା ସନ୍ଥ ଓ ସୁଧାରକ ଆସିଗଲେ ସେତେବେଳେ ତାଙ୍କର ନିଷ୍ପତି ଓ ଜ୍ଞାନ ଏବଂ ଯାହା ସେ ଇସଲାମ ସମ୍ବନ୍ଧରେ ଶିକ୍ଷା ଦେଲେ ତାହା ହିଁ ସଠିକ୍ ବାକି ସବୁ ଭୁଲ । ଆମ୍ଭକୁ ବୟତ କଲା ପରେ ତଦନୁଯାୟୀ କେବଳ ଅମଳ କରିବାର ଅଛି ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ: ୨୧ ଏପ୍ରିଲ୍ ୨୦୧୭ ଅନୁଯାୟୀ ୨୧ ଶାହାଦତ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନୱର ଅ:ବ କହିଲେ- ଆମ୍ଭ ଉପରେ ଅଲ୍ଲାଃଙ୍କର ଅଶେଷ କୃପା ଯେ ସେ ଆମ୍ଭକୁ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବା ଓ ତାଙ୍କ ବୟତରେ ସାମିଲ୍ ହେବାର ସୁଯୋଗ ପ୍ରଦାନ କଲେ । ଏହା ଆମ୍ଭ ବିଶ୍ୱାସରେ ବୃଦ୍ଧି ଘଟାଇବାର ମାଧ୍ୟମ ସାଜିବା ଉଚିତ୍, କାରଣ ଯଦି ଆପଣଙ୍କୁ ସ୍ୱୀକାର କଲାପରେ ଆମ୍ଭର ବିଶ୍ୱାସରେ ଅଭିବୃଦ୍ଧି ଘଟୁ ନାହିଁ ତେବେ ଆପଣଙ୍କ ଆନୁଗତ୍ୟ ସ୍ୱୀକାର କରିବା ନିରର୍ଥକ । ଆମ୍ଭକୁ ମୁକ୍ତ ଭାବରେ କୌଣସି ପ୍ରକାର ଦୁର୍ବଳ ମନୋଭାବ ପୋଷଣ ନକରି ଇସଲାମର ବାର୍ତା ଅନ୍ୟମାନଙ୍କ ନିକଟରେ ପହଂଚାଇବା ଉଚିତ୍ । କେତେକ ସମୟରେ ଆମ ଯୁବପିଢ଼ୀଙ୍କ ମନରେ ଏହି ଭାବନା ଉତ୍ପନ୍ନ ହୋଇଥାଏ କି ବର୍ତମାନ ମୁସଲମାନମାନଙ୍କ ଅବସ୍ଥା ଯେପରି ଶୋଚନୀୟ ହୋଇଚାଲିଛି ଏବଂ ଯେଉଁ ବିଶୃଙ୍ଖଳା ଓ ବିଭ୍ରାଟ ଦେଖା ଦେଉଛି ସେଥିପାଇଁ ମୁସଲମାନମାନେ ଦାୟୀ । ତେଣୁ ଏପରି ପରିସ୍ଥିତିରେ ଇସଲାମ ସମ୍ବନ୍ଧରେ ବିଶେଷ କିଛି ଆଲୋଚନା ନକରିବାଟା ଭଲ । ଯେତେବେଳେ କି ଅନ୍ୟ ମୁସଲମାନଙ୍କ ଅମଳ ଦେଖି ଆମକୁ ଅଧିକ ସାହସିକତାର ସହ ସଂସାରବାସୀଙ୍କୁ ପ୍ରକୃତ ଇସଲାମର ଛବି ଦେଖାଇବା ଓ ସେମାନଙ୍କୁ ଅବଗତ କରାଇବା ଉଚିତ୍, କି ଏହା ହିଁ ଇସଲାମର ସତ୍ୟତାର ପ୍ରମାଣ ଅଟେ । ବର୍ତମାନ ମୁସଲମାନମାନଙ୍କ ଅବସ୍ଥା ଯେପରି ତାହା ହିଁ ହଜରତ ମହମ୍ମଦ ସ.ଆ ଭବିଷ୍ୟବାଣୀ କରିଥିଲେ କି ସମୟ ଆସିବ ଯେତେବେଳେ ମୁସଲମାନମାନେ ପଥଭ୍ରଷ୍ଟ ହୋଇଯିବେ ଏବଂ ସେମାନଙ୍କ ମଧ୍ୟରେ ବିଭ୍ରାଟ ଦେଖାଦେବ । ଏଥି ନିମନ୍ତେ ନାମକୁ ମାତ୍ର ମୌଲବି ବୋଲାଉଥିବା ଲୋକେ ହିଁ ଦାୟୀ ହେବେ । ସେମାନେ ସଂସାରକୁ

ପ୍ରାଥମିକତା ଦେବେ ସେତେବେଳେ ହିଁ ମସିହ ମଉଦଙ୍କର ଆବିର୍ଭାବ ହେବ ଏବଂ ସେ ପ୍ରକୃତ ଇସଲାମର ଛବି ସଂସାରବାସୀଙ୍କୁ ଦେଖାଇବେ । ଅତଏବ ଆମେ ଅହେମଦି ଯେ କି ହଜରତ ମସିହ ମଉଦ ଆ.ସଙ୍କ ଆନୁଗତ୍ୟ ସ୍ୱୀକାର କରିଛେ । ଆପଣ ଯେଭଳି ଆମକୁ ଇସଲାମର ସୁନ୍ଦର ଛବି ଦେଖାଇଲେ ଓ ବୁଝାଇଲେ ସେହିପରି (ଆମେ) ଅମଳ କରୁଅଛେ ।

ହଜୁର ଅନଓ୍ୱର ଅ.ବ କହିଲେ- ହଜରତ ମସିହ ମଉଦ ଆ.ସ ଯେଉଁ ଜମାଅତର ପ୍ରତିଷ୍ଠା କରିବା ନିମନ୍ତେ ଆସିଥିଲେ ତାହା କେବଳ ବିଶ୍ୱାସର ସଂଶୋଧନ କରିବା ନଥିଲା ବରଂ ପ୍ରତ୍ୟେକ ସ୍ତରରେ ନିଜ ଅମଳକୁ ସଂଶୋଧନ କରୁଥିବା ଜମାଅତ ଗଠନ କରିବା ଥିଲା । ସୁତରାଂ ଏହି ଦୃଷ୍ଟି କୋଣରୁ ଆମ୍ଭ ସମସ୍ତଙ୍କୁ ନିଜ ନିଜର ନିରିକ୍ଷଣ କରିବା ଉଚିତ୍ । ଯେ ଆମ୍ଭେ ଏହି ସ୍ତର ହାସଲ କରିବା ନିମନ୍ତେ ଚେଷ୍ଟାରତ ନା ନାହିଁ ? ଏହା ସ୍ୱଭାବିକ ଯେ ଯେତେବେଳେ ଆମେ ସଂଖ୍ୟାଗରିଷ୍ଠତା ହାସଲ କରିଚାଲିବା ସେତେବେଳେ ଅନେକଙ୍କ ସହ ପରିଚୟ ମଧ୍ୟ ହେବ ଏବଂ ସେମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା ମଧ୍ୟ ହେବ ଓ ତାହା ବଢିଚାଲିବ । ଅତଏବ ଏସବୁ ଆମ୍ଭଠାରୁ ଆବଶ୍ୟକ କରୁଅଛି କି ଆମେ ନିଜର ସ୍ତର ବୃଦ୍ଧି କରିବା ସହିତ ହଜରତ ମସିହ ମଉଦ ଆସଙ୍କ ସହ ବୟତ କରିବାର ଉଦ୍ଦେଶ୍ୟ ମଧ୍ୟ ପୂରଣ କରିବା ।

ବିଗତ କିଛି ଦିନ ହେଲା ଜର୍ମାନୀର ବିଭିନ୍ନ ଶହରରେ କେତେକ ମସଜିଦର ଶିଳାନ୍ୟାସ ଓ ଉଦଘାଟନ ମୂଳକ କାର୍ଯ୍ୟକ୍ରମ ଥିଲା । ଯେଉଁଥିରେ ସ୍ଥାନୀୟ ବାସିନ୍ଦା ଏବଂ ରାଜନେତାଙ୍କ ମତାମତ ପ୍ରକାଶରୁ ଅନୁଭବ ହେଲା ଯେ, ଅଲ୍ଲାଃଙ୍କ କୃପାରୁ ସ୍ଥାନୀୟ ଅହେମଦିଙ୍କ ଉତମ ପ୍ରଭାବ ସେମନାଙ୍କ ଉପରେ ପଡ଼ିଛି କିନ୍ତୁ ମୋତେ ଏହି ଚିନ୍ତିତ କଲା ଯେ ପ୍ରକୃତ ଇସଲାମର ବାର୍ତା ଯେଭଳି ସେମାନଙ୍କ ନିକଟରେ ପହଁଚାଇବାର ଥିଲା ସେହିପରି କାର୍ଯ୍ୟ ହୋଇ ନାହିଁ । ସେହି ଅଣମୁସଲମାନମାନଙ୍କ ମଧ୍ୟରୁ ଅନେକ କହିଲେ ଯେ, ଇସଲାମର ଏପରି ସୁନ୍ଦର ଶିକ୍ଷା ରହିଛି ଆାମେ ଆଜି ପର୍ଯ୍ୟନ୍ତ ଜାଣି ନଥିଲୁ । ଆମେ ତ ସେହି ଇସଲାମକୁ ଜାଣିଥିଲୁ ଯାହାକି ଅନ୍ୟମାନେ ଆମକୁ ଦେଖାଇଛନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ଆମଠାରୁ ଇସଲାମର କଥା ଶୁଣିବା ପରେ ଲୋକମାନଙ୍କ ଚିନ୍ତାଧାରା (ଇସଲାମ ସମ୍ବନ୍ଧରେ) କିପରି ବଦଳୁଛି ତାହାର କିଛି ଉଦାହରଣ ଉପସ୍ଥାପନ କରୁଅଛି । ଜଣେ ଡ଼ାକ୍ତର କହିଲେ ଆଜି ମୁଁ ଇସଲାମକୁ ଜାଣିଲି ଯାହାକି ଘୃଣା ଦ୍ୱାରା ନୁହେଁ ବରଂ ପ୍ରେମ ଦ୍ୱାରା ପ୍ରସାର ଲାଭ କରୁଅଛି । ଜଣେ ମହିଳା କହିଲେ ଆଜି ମୁଁ ଇସଲାମ ବିଷୟରେ ଯାହା କିଛି ଶୁଣିଲି ତାହା କଦାପି କୌଣସି ଇସଲାମୀୟ ଧର୍ମଗୁରୁ କିମ୍ବା ମୁଖୀୟାଙ୍କ ଠାରୁ ଶୁଣି ନଥିଲି । ଜଣେ ମହିଳା ଶ୍ରୀମତି ଏସତର କହିଲେ ଆଜି ତୁମ ଖଲିଫା ମୋର ସମସ୍ତ ପ୍ରଶ୍ନର ଉତର ପ୍ରଦାନ କରିଦେଲେ । ଯାହାକି ଏଠାକୁ ଆସିବା ପୂର୍ବରୁ ମୁଁ ନିଜ ହୃଦୟରେ ରଖି ଅସିଥିଲି କହିଲେ ମୋତେ ଭୟ ଲାଗୁଛି ଯେ ଆଜି ଏଠାରେ ଏଭିଳି ସୁନ୍ଦର କଥା ଶୁଣିବା ପରେ କାଲି କି ଯଦି ଇସଲାମ ନାମରେ କୌଣସି ହିଂସା ମୂଳକ ଅଘଟଣ ଘଟେ ତେବେ ଲୋକମାନେ ଏହି ଶାନ୍ତିପୂର୍ଣ୍ଣ ବାର୍ତାକୁ ଭୁଲି ନଯାନ୍ତୁ । ହଜୁର ଅନଓ୍ୱର ଅ.ବ କହିଲେ ଏହା  ସତ୍ୟ ଏବଂ ଏହିପରି ହିଁ ଘଟୁଅଛି । ଅନ୍ୟମାନେ ତ ଏଥିପ୍ରତି ବିଶେଷ ଚେଷ୍ଟା କରୁଅଛି କି ଇସଲାମର ସୁନ୍ଦର ଶିକ୍ଷା ସହ ସଂସାରବାସୀ କଦାପି ଅବଗତ ନହୁଅନ୍ତୁ । ତେଣୁ ଏହା ଆମର କାର୍ଯ୍ୟ ଯେ ଆମ୍ଭେ ଏହି ପ୍ରେମ, ମୈତ୍ରୀ, ସନ୍ଧୀ ଓ ସୌହାର୍ଦ୍ଦ୍ୟ ଓ ଅଲ୍ଲାଃଙ୍କ ସୃଷ୍ଟି ପ୍ରତି କର୍ତବ୍ୟ ସମ୍ପାଦନ କରିବାର ବାର୍ତାକୁ ପ୍ରସାରିତ କରିଚାଲିବା । ଇସଲାମ ନାମରେ ଏହି ନାମକୁ ମାତ୍ର ମୁସଲମାନ ବୋଲାଉଥିବା ଲୋକେ ଯେଉଁ ଅପକର୍ମ କରୁଛନ୍ତି ତାହାର ଅପରପକ୍ଷେ ସଂସାରବାସୀଙ୍କ ନିକଟରେ ସକରାତ୍ମକ ଶିକ୍ଷାକୁ ପ୍ରଚାର ଓ ପ୍ରସାର କରିବା । ହଜୁର ଅନଓ୍ୱର ଅ.ବ କୁହନ୍ତି ବିଶ୍ୱ ବିଦ୍ୟାଳୟରେ ଅଧ୍ୟୟନରତ କେତେକ ଯୁବକ ଯୁବତୀମାନଙ୍କ ଚିନ୍ତାଧାରା ଏପରି ଅଟେ କି ପୁରୁଣା ଜ୍ଞାନୀ ଓ ନୀୟମ ପ୍ରସ୍ତୁତିକାରୀ ତଥା ଇମାମ ଓ ସନ୍ଥଙ୍କ ଜୀବନି ପାଠ କରି ଆମେ ବେଶ୍ ଜ୍ଞାନ ଅର୍ଜନ କରିନେଇଛୁ ଏବଂ ଆମ୍ଭର କେହି ମୁକାବିଲା କରିପାରିବେ ନାହିଁ । ଯଦି କେହି ଏପରି ମତ ପୋଷଣ କରି ବସିଥାଏ ତେବେ ତାହାକୁ ନିଜ ମନରୁ ଏଭଳି ଚିନ୍ତାଧାରା ବାହର କରିନେବା ଉଚିତ୍ । **ପୁରୁଣା ଜ୍ଞାନୀ ଓ ସନ୍ଥ ମାନଙ୍କୁ ବର୍ଜନ କର ବର୍ତମାନ ପ୍ରକୃତ ଜ୍ଞାନ ଓ ଇସଲାମର ପ୍ରକୃତ ଛବି କେବଳ ହଜରତ ମସିହ ମଉଦ ଆ.ସଙ୍କ ଲେଖା ପାଠ କରିବା ଦ୍ୱାରା ହାସଲ ହୋଇପାରିବ** । ମନେରଖ ହଜୁର ଆ.ସ ଯେଉଁ ନିଷ୍ପତି ଦେଇଛନ୍ତି ତାହା ହିଁ ସଠିକ୍ ଅଟେ । ତାହାର ଅଧ୍ୟୟନ କରନ୍ତୁ ଓ ନିଜ ଜ୍ଞାନ ବଢାନ୍ତୁ । ହଜରତ ମସିହ ମଉଦ ଆ.ସ ଏହି ଯୁଗର ହାକିମ ଓ ନ୍ୟାୟ ବିଚାରକ ଏହି କଥା ଆମ୍ଭକୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ । ଯାହା ଆପଣ କହିଯାଇଛନ୍ତି ତାହା ହିଁ ସତ୍ୟ ଓ ଇସଲାମୀୟ ଶିକ୍ଷାର ସତ୍ୟାସତ୍ୟ ଅଟେ ।

ଯେତେବେଳେ ଅଲ୍ଲାଃ ହଜରତ ମସିହ ମଉଦ ଆ.ସଙ୍କୁ ଯୁଗର ସୁଧାର ନିମନ୍ତେ ପ୍ରେରଣ କରିଛନ୍ତି ସେତେବେଳେ ସେ ଆପଣଙ୍କୁ ସିଧାସଳଖ ଭାବରେ (ସମସ୍ତ ପ୍ରକାରର) ଜ୍ଞାନ ମଧ୍ୟ ପ୍ରଦାନ କରିଛନ୍ତି । ହଜରତ ମସିହ ମଉଦ ଆ.ସ ଏକ ସ୍ଥାନରେ କୁହନ୍ତି- ଯେ ବିଶ୍ୱାସ ଆଣିଥାଏ ତାହାକୁ ନିଜ ବିଶ୍ୱାସ ମାଧ୍ୟମରେ ନିଜ ଜ୍ଞାନର ସ୍ତରକୁ ଅଭିବୃଦ୍ଧି କରିବା ଉଚିତ୍, ନା କି ଭ୍ରମ ଚିନ୍ତାଧାରାରେ ସଂଶ୍ଳିଷ୍ଟ ରହିବା । ଆପଣ କୁହନ୍ତି ବିଶ୍ୱାସ ବ୍ୟତୀତ କିଛି ସମ୍ଭବ ନୁହେଁ । ବର୍ତମାନ ସ୍ୱୟଂ ଅନୁଧ୍ୟାନ ଓ ବିଚାର କର କି କ'ଣ ତୁମେ ମୋ ହାତରେ ଯେଉଁ ବୟତ କରିଛ, ମୋତେ ମସିହ ମଉଦ ତଥା ହାକିମ ଓ ନ୍ୟାୟ ବିଚାରକ ସ୍ୱୀକାର କଲାପରେ ଯଦି ମୋର କୌଣସି ନିଷ୍ପତି କିମ୍ବା କାର୍ଯ୍ୟରେ ତୁମ ହୃଦୟରେ କୌଣସି ପ୍ରକାରର ସନ୍ଦେହ କିମ୍ବା ଦୁଃଖ ଉତ୍ପନ୍ନ ହୁଏ ତେବେ ନିଜ ବିଶ୍ୱାସ ପ୍ରତି ଚିନ୍ତିତ ହୁଅ । ଯେତେବେଳେ ସ୍ୱଚ୍ଛ ହୃଦୟରେ ମୋତେ ସ୍ୱୀକାର କରିନେଇଛ କି ମସିହ ମଉଦ ପ୍ରକୃତରେ ହାକିମ ଓ ନ୍ୟାୟ ବିଚାରକ ଅଟନ୍ତି ତେବେ ମୋ ନିଷ୍ପତି ଓ କାର୍ଯ୍ୟ ସମ୍ମୁଖରେ ସମ୍ପୂର୍ଣ୍ଣ ରୂପେ ନିଜକୁ ସମର୍ପଣ କରିଦିଅ ଏବଂ ନିରବତାର ସହ ଯାହା କୁହାଯାଇଛି ତାହାର ଅନୁସରଣ କର ତଥା ମୋ ନିଷ୍ପତିକୁ ସମ୍ମାନ କର ଏପରି ତୁମେ ହଜରତ ମହମ୍ମଦ ସ.ଆଙ୍କ ପବିତ୍ର କଥନର ସମ୍ମାନ ଓ ମର୍ଯ୍ୟାଦା ପ୍ରଦାନକାରୀ ସାବ୍ୟସ୍ତ ହେବ । ଆପଣ କୁହନ୍ତି ହଜରତ ମହମ୍ମଦ ସ.ଆଙ୍କ ସାକ୍ଷ୍ୟ ଯଥେଷ୍ଟ ଅଟେ । ସେ ହିଁ କହିଛନ୍ତି ଯେଉଁ ମସିହ ମଉଦ ଆସିବେ ସେ ତୁମର ଇମାମ ଓ ହାକିମ ତଥା ନ୍ୟାୟ ବିଚାରକ ହେବେ ଯଦି ଏଥିରେ ତୁମେ ସନ୍ତୁଷ୍ଟ ନାହଁ ତେବେ ଆଉ କେଉଁ ଥିରେ (ସନ୍ତୁଷ୍ଟ) ହେବ । ହଜୁର ଆ.ସ କୁହନ୍ତି ଯଦି ମୁଁ ସତ୍ୟବାଦୀ ନୁହେଁ ତେବେ ଯାଅ କୌଣସି ସତ୍ୟବାଦୀକୁ ଖୋଜିଆଣ କିନ୍ତୁ ମନେରଖ ବର୍ତମାନ (ମୋ ବ୍ୟତୀତ) ଅନ୍ୟ କେହି ସତ୍ୟବାଦୀ ତୁମକୁ ମିଳିବେ ନାହିଁ । ତେବେ ମୁଁ ତୁମଠାରୁ ସେତିକି (ଅଧିକାର) ଆଶା କରୁଅଛି ଯାହାକି ହଜରତ ମହମ୍ମଦ ସ.ଆ ମୋତେ ପ୍ରଦାନ କରିଛନ୍ତି ।

ହଜୁର ଆ.ସ ନିଜ ବିରୋଧିମାନଙ୍କୁ କୁହନ୍ତି- ଦୁଃଖଦ ! ଯେ ଯଦି ତୁମେ ମୋ ନିକଟକୁ ପବିତ୍ର ହୃଦୟର ସହ ଆସିଥାନ୍ତ ତେବେ ମୁଁ ତୁମକୁ ସେହି ଅଲ୍ଲାଃଙ୍କ ସହ ସାକ୍ଷାତ କରାଇଥାନ୍ତି ଯେ ମୋତେ ପ୍ରଦାନ କରିଛନ୍ତି ଏବଂ ସେ ଅଲ୍ଲାଃ ସ୍ୱୟଂ ତୁମମାନଙ୍କ ଉପରେ କୃପା ବର୍ଷଣ କରିଥାନ୍ତେ ଏବଂ ତୁମମାନଙ୍କୁ ବୁଝାଇ ଦେଇଥାନ୍ତେ କିନ୍ତୁ ତୁମେମାନେ ଲୋଭ ଓ ଇର୍ଶା ପରାୟଣତା ଅବଲମ୍ବନ କଲେ । ଏପରି ଅବସ୍ଥାରେ ମୁଁ କିଭଳି ସେମାନଙ୍କୁ ବୁଝାଇ ପାରିବି କିନ୍ତୁ ଆମେ ଯେ କି ଅହେମଦି ଅଟୁ ଆମର କର୍ତବ୍ୟ ଯେ, ପୁନଃ ସେହି ଅଲ୍ଲାଃଙ୍କ ସହ ସମ୍ପର୍କ ସ୍ଥାପନ କରିବା ଏବଂ ସଂସାର ପ୍ରାପ୍ତିରେ ମସଗୁଲ୍ ହେବା ନାହିଁ କାରଣ ଏହି ସଂସାର କ୍ଷଣସ୍ଥାୟୀ । ଅତଏବ ଆମ୍ଭମାନଙ୍କୁ ନିଜର ପରକାଳ ପାଇଁ ଚିନ୍ତା କରିବା ଉଚିତ୍ । ଆପଣ କୁହନ୍ତି ଯେତେବେଳେ ମଣିଷ ସ୍ୱଚ୍ଛ ହୃଦୟର ସହ ସତ୍ପଥ ପାଇବା ପାଇଁ ଚେଷ୍ଟା କରେ ସେତେବେଳେ ସମସ୍ତ ବିଚାର ହୋଇଯାଇଥାଏ କିନ୍ତୁ ଯେତେବେଳେ ଜଣେ ଅପପ୍ରଚାର ଓ ଅନିଷ୍ଟ କରିବା ଉଦ୍ଦେଶ୍ୟରେ ଆସେ ସେତେବେଳେ ତାହାର କିଛି (ଉପକାର) ହୋଇନଥାଏ । ଆପଣ କୁହନ୍ତି ଇବ୍‌ନେ ଆରବୀ ହିଜଜୁଲ୍ କରାମା ପୁସ୍ତକ ମାଧ୍ୟମରେ ଲେଖିଛନ୍ତି ଯେତେବେଳେ ମସିହ ମଉଦଙ୍କର ଆଗମନ ହେବ ଲୋକେ ତାଙ୍କୁ ମିଥ୍ୟାବାଦୀ ଓ ମୁର୍ଖ କହିବେ ଏବଂ ସେ ଧର୍ମକୁ ପରିବର୍ତନ କରୁଛନ୍ତି ବୋଲି କହିବେ । ବର୍ତମାନ ଦେଖ ବାସ୍ତବରେ ତାହା ହିଁ ଘଟୁଅଛି । ଲୋକେ ମୋ ଉପରେ ଏପରି ଆପତି କରୁଛନ୍ତି । ଏପରି ସମସ୍ତ ପ୍ରକାରର ସନ୍ଦେହରୁ ଜଣେ ସେତେବେଳେ

ମୁକୁଳି ପାରିବ ଯେତେବେଳେ ସେ ନିଜର ଭାବନା, ମତାମତ ତଥା ଚିନ୍ତାଧାରାର ପୁସ୍ତକକୁ ବନ୍ଦ କରି ଏକ ପାଶ୍ୱରେ ରଖିଦେବ ଏବଂ ଏହା ପରିବର୍ତ୍ତେ ଚିନ୍ତା କରିବ ଓ ଆଲ୍ଲାହ୍ଙ୍କ ନିକଟରେ ପ୍ରାର୍ଥନା କରିବ କି କ'ଣ ଉକ୍ତ ଘୋଷଣାକାରୀ ସତ୍ୟବାଦୀ ନା, ନୁହେଁ । ହଜୁର ଆ.ସ କୁହନ୍ତି- ନିଃସନ୍ଦେହ କେତେକ ବିଷୟ ବୁଝିବା କଷ୍ଟସାଧ କିନ୍ତୁ ଯେ ଅବତାରଙ୍କ ଉପରେ ବିଶ୍ୱାସ ଆଣିଥାନ୍ତି ସେମାନେ ସକରାତ୍ମକ ଚିନ୍ତାଧାରା ଧର୍ଯ୍ୟ ଓ ଦୃଢତାର ସହ ସମୟର ଅପେକ୍ଷା କରିଥାନ୍ତି ଯାହାର ଫଳସ୍ୱରୂପ ଅଲ୍ଲାଃ ସେମାନଙ୍କ ଉପରେ ପ୍ରକୃତ ରହସ୍ୟ ଉନ୍ମୁକ୍ତ କରିଦେଇଥାନ୍ତି । ଦେଖ ହଜରତ ମହମ୍ମଦ ସ.ଆଙ୍କ ସମୟରେ ସାହାବମାନେ କୌଣସି ପ୍ରଶ୍ନ ନକରି ନିରବତାର ସହ ମୁଣ୍ଡ ନୁଆଇ ବସି ରହୁଥିଲେ ଏବଂ ଅପେକ୍ଷା କରୁଥିଲେ କି କେହି ପ୍ରଶ୍ନ କଲେ ସେମାନେ ଉପକୃତ ହେବେ । ସ୍ୱୟଂ ହଜୁର ସ.ଆଙ୍କୁ ପ୍ରସ୍ନ କରିବାର ସାହାସ ଯୁଟାଇ ପାରୁନଥିଲେ । ଆପଣ କୁହନ୍ତି ମୋ ମତରେ ସବୁଠାରୁ ଉତ୍କୃଷ୍ଟତର ମାର୍ଗ ଏହା ଅଟେ କି ଅବତାରଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା, ଯେ ଅବତାରଙ୍କ ସମ୍ମାନ କରିବା ବୁଝିନଥାଏ ତାହାର ଧ୍ୱଂସ ହେବା ଆଶଙ୍କା ବେଶ୍ ଅଧିକ ବଢିଯାଇଥାଏ । ହଜୁର ଆ.ସ ଆମମାନଙ୍କୁ ମଧ ଉପଦେଶ ଦେଲେ ଯେ ଅଯଥା ପ୍ରଶ୍ନ କରିବା ଓ ଅନ୍ୟ ସମ୍ବନ୍ଧରେ ନକରାତ୍ମକ ଚିନ୍ତାଧାରା ପୋଷଣ କରିବା ଉଚିତ୍ ନୁହେଁ ।

ହଜୁର ଅନଓ୍ୱର ଅ.ବ କହିଲେ ପ୍ରଥମ କଥା ଏହି କି ଯେ, ଆମ୍ଭକୁ କୌଣସି ପ୍ରକାରର ଦୁର୍ବଳ ମନୋଭାବର ସ୍ୱୀକାର ହେବାର ଆବଶ୍ୟକତା ନାହିଁ । କେତେକ ବିଷୟରେ ଯଦି ପୁରୁଣା ଜ୍ଞାନୀ ଓ ସନ୍ଥମାନଙ୍କ ମନ୍ତବ୍ୟ ରହିଛି ତେବେ ଏହି ନ୍ୟାୟ ବିଚାରକ ଓ ହାକିମ ହଜରତ ମସିହ ମଉଦଙ୍କ ନିକଟରେ ସେମାନଙ୍କର କୌଣସି ପ୍ରକାରର ତୁଳନା ନାହିଁ । ଯେତେବେଳେ ଅନ୍ତିମ ଖଲିଫା ସନ୍ଥ ଓ ସୁଧାରକ ଆସିଗଲେ ସେତେବେଳେ ତାଙ୍କର ନିଷ୍ପତି ଓ ଜ୍ଞାନ ଏବଂ ଯାହା ସେ ଇସଲାମ ସମ୍ବନ୍ଧରେ ଶିକ୍ଷା ଦେଲେ ତାହା ହିଁ ସଠିକ୍ ବାକି ସବୁ ଭୁଲ । ଆମ୍ଭକୁ ବୟତ କଲା ପରେ ତଦନୁଯାୟୀ କେବଳ ଅମଲ କରିବାର ଅଛି ।

ଦ୍ୱିତୀୟ କଥା ମନେରଖିବା ଉଚିତ୍ ଯେ, ଯେଉଁ ପତ୍ରିକା ଓ ପୁସ୍ତକ ହଜୁର ଆ.ସ ଲେଖିଯାଇଛନ୍ତି ତାହାର ଅଧ୍ୟୟନ କରିବା ଦ୍ୱାରା ହିଁ ଆମେ ପ୍ରକୃତ ଇସଲାମ ସମ୍ବନ୍ଧରେ ଅବଗତ ହୋଇପାରିବା । ନିତିଦିନିଆ ସମସ୍ୟାର ସମାଧାନ ନିମନ୍ତେ ଆମ୍ଭେ ତାହା ନିଜ ସମ୍ମୁଖରେ ରଖିବା ଉଚିତ୍ ଏବଂ ଏହା ଜରୁରୀ ଅଟେ । ସୁତରାଂ ପ୍ରତ୍ୟେକ ଅହେମଦିଙ୍କୁ ଆପଣଙ୍କ ପତ୍ରିକା ନିଜେ ପାଠ କରିବା ସହିତ ଅନ୍ୟମାନଙ୍କୁ ମଧ ପାଠ କରିବା ନିମନ୍ତେ ଧାନ ଆକର୍ଷିତ କରିବା ଉଚିତ୍ । ଆମ୍ଭକୁ ଚିନ୍ତା କରିବାର ଆବଶ୍ୟକତା ନାହିଁ, ନା କରିବା ଉଚିତ୍ କି ଏମିତି (ପତ୍ରିକା ବଣ୍ଟନ) କଲେ ସଂସାରବାସୀ କ'ଣ କହିବେ । ଆମ୍ଭକୁ ଭୟ କରିବାର କୌଣସି ଆବଶ୍ୟକତା ନାହିଁ । ଧାର୍ମିକ ଶିକ୍ଷା ଯାହାକୁ ଭୁଲ ପ୍ରମାଣିତ କରୁଅଛି ତାହାକୁ ଭୁଲ କହିବାରେ କୌଣସି ପ୍ରକାର ସଂଙ୍କୋଚ କରିବାର ନାହିଁ । ଏହା ପ୍ରତ୍ୟେକ ଅହେମଦିଙ୍କୁ ମନେରଖିବା ଉଚିତ୍ । ହଜରତ ମସିହ ମଉଦ ଆ.ସ ଯେଉଁଳି କହିଛନ୍ତି କି ଅଧିକ ପ୍ରଶ୍ନ କରିବା ଉଚିତ୍ ନୁହେଁ । ଏହି ଆଦେଶର ସମ୍ପୂର୍ଣ୍ଣ ରୂପେ ଆଜ୍ଞାକାରୀ ହେବା ଉଚିତ୍ । ଏଥିପାଇଁ କି ଅବତାରଙ୍କ ଦୂରଦୃଷ୍ଟି ଏଭଳି ତିକ୍ଷ୍ଣ ଥାଏ କି ପ୍ରଶ୍ନକାରୀଙ୍କ ପ୍ରଶ୍ନ ଆସିବା ପୂର୍ବରୁ ତାହାର ଉତର ପ୍ରଦାନ କରି ଦେଇଥାନ୍ତି । କେତେକ ନୂତନ ମାନ୍ୟକାରୀ କହିଥାନ୍ତି କି ଆମ୍ଭ ମନରେ ଯେଉଁ ପ୍ରଶ୍ନ ଥିଲା ଏହି ବକ୍ତୃତାରେ ତାହାର ଉତର ଆମକୁ ମିଳିଗଲା । ତେବେ ଅବତାରମାନେ ପ୍ରତ୍ୟେକ ଦିଗରୁ ବିଭିନ୍ନ ପ୍ରଶ୍ନର ଉତର ପ୍ରଦାନ କରିଦେଇଥାନ୍ତି । ତେଣୁ ଏପରି ମଣିବା ଉଚିତ୍ ନୁହେଁ କି ସେ ଉତର ଦେଇ ନାହାନ୍ତି । ଉତର ରହିଥାଏ କିନ୍ତୁ ନିଜ ଆଜ୍ଞାକାରୀତାର ସ୍ତର ବୃଦ୍ଧି କରିବା ମାନ୍ୟକାରୀମାନଙ୍କ କର୍ତ୍ତବ୍ୟ ।

ହଜରତ ମସିହ ମଉଦ ଆ.ସ ନିଜ ମାନ୍ୟକାରୀମାନଙ୍କୁ ଏଥି ସମ୍ବନ୍ଧରେ ବାରମ୍ବାର ଉପଦେଶମାନ ଦେଇଛନ୍ତି କି ସେମାନଙ୍କ ବିଶ୍ୱାସର ସ୍ତର କିପରି ହେବା ଉଚିତ୍ । ଏଥିସମ୍ବନ୍ଧରେ ଏଠାରେ ଆପଣଙ୍କର ଏକ ଗଦ୍ୟ ଉପସ୍ଥାପନ କରୁଅଛି । ଯଦ୍ୱାରା ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ବୟତର କର୍ତ୍ତବ୍ୟ ସମ୍ପାଦନକାରୀ ହୋଇପାରିବେ । ଆପଣ ନିଜ ଜମାଆତକୁ ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ ଉପଦେଶ ଦେଇ କହିଲେ- ଆଜିର ଯୁଗ ବହୁତ ଖରାପ ହୋଇଗଲାଣି । କିସମ କିସମର ଶିରକ୍ ଓ କୁପ୍ରଥା ପ୍ରଚଳିତ ହୋଇଗଲାଣି । ବୟତ କରିବା ସମୟରେ ଅଲ୍ଲାଃଙ୍କ ସମ୍ମୁଖରେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବାର ସ୍ୱୀକାର କରାଯାଇଥାଏ । ଯଦି ଆମ୍ଭେ ନିଜର ଅନ୍ତିମ ସମୟ ପର୍ଯ୍ୟନ୍ତ ଏଥିରେ ପ୍ରତିଷ୍ଠିତ ରହୁ ନାହେଁ ତେବେ ମନେରଖିବା ଉଚିତ୍ ଯେ, ଆମେ ବୟତ କରି ନାହେଁ । ନିଜ ଅଲ୍ଲାଃଙ୍କ ଇଚ୍ଛା ମୁତାବକ ପୂର୍ଣ୍ଣ ଧର୍ମଭୀରୁତା ଅବଲମ୍ବନ କର । ଯୁଗର ଅବସ୍ଥା ଶୋଚନୀୟ, ଅଲ୍ଲାଃଙ୍କ କୋପ ବର୍ଷଣ ହେଉଅଛି । ଯେ ଅଲ୍ଲାଃଙ୍କ ଇଚ୍ଛା ମୁତାବକ ନିଜକୁ ଗଢି ତୋଳିବ, ସେ ନିଜ ଓ ନିଜ ପରିବାର ବର୍ଗଙ୍କ ଉପରେ ହିଁ ଦୟା କରିବ । ସଂସାରର ଅବସ୍ଥା ଯେଭଳି ଶୋଚନୀୟ ହୋଇଚାଲିଛି, ତାହାର ଅନୁଧ୍ୟାନ କରି ସମସ୍ତେ ବେଶ୍ ଅଧିକ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହେବା ଉଚିତ୍ । ଭଲଭାବରେ ମନେରଖ ଯେ, ଅଲ୍ଲାଃଙ୍କ କିଛି ଆଦେଶର ଅମାନ୍ୟ କରିବା ତାଙ୍କର ସମସ୍ତ କଥାର ଅମାନ୍ୟ କରିବା ଅଟେ । ଯଦି ଗୋଟିଏ ଅଂଶ ସଇତାନର ଅଟେ ଓ ଆଉ ଗୋଟିଏ ଅଲ୍ଲାଃଙ୍କର ତେବେ (ମନେରଖ) ଅଲ୍ଲାତାଲା ଭାଗ ବାଣିବାକୁ ପସନ୍ଦ କରନ୍ତି ନାହିଁ । ଯଦିଓ ଅଲ୍ଲାଃଙ୍କ ନିକଟବର୍ତ୍ତୀ ହେବା କଷ୍ଟସାଧ ଏବଂ ଏହା ଏକ ପ୍ରକାର ମୃତ୍ୟୁକୁ ବରଣ କରିବା ଆବଶ୍ୟକ କରିଥାଏ । କିନ୍ତୁ ପ୍ରକୃତ ଜୀବନ ଏଥିରେ ହିଁ ହାସଲ ହୋଇଥାଏ । ଯେ ନିଜ ଭିତରୁ ସଇତାନର ଅଂଶଟିକୁ କାଢି ଫିଙ୍ଗିଦିଏ, ସେ ଭାଗ୍ୟବାନ । ତାହାର ଘରେ, ଶହରରେ ଏବଂ ପ୍ରତ୍ୟେକ ସ୍ଥାନରେ ବିଭୂତି ପ୍ରସାରିତ ହୋଇଥାଏ । କିନ୍ତୁ ଯଦି ତାହା ଭାଗରେ କିଂଚିତ ମାତ୍ର (ସଇତାନର ଅଂଶ) ରୁହେ ତେବେ ସେ ବିଭୂତି ଲାଭ କରିପାରି ନଥାଏ । ଯେମିତି ଜଣେ ଅନ୍ୟକୁ ଅନେକ ହିତ ଉପଦେଶ ମୂଳକ କଥା କୁହେ କିନ୍ତୁ ସେଥି ମୁତାବକ ଅମଲ କରେ ନାହିଁ ତେବେଶ୍ରୋତା ଉକ୍ତ ବ୍ୟକ୍ତି କଥାରେ କଦାପି ଖୁସି ହୋଇ ନଥାଏ । ସେହିପରି ଅଲ୍ଲାଃ ସମସ୍ତ ସ୍ୱଭିମାନୀମାନଙ୍କ ଅପେକ୍ଷା ଶ୍ରେଷ୍ଠ ସ୍ୱଭିମାନୀ ଅଟନ୍ତି । **ହଜୁର ଆ.ସ କୁହନ୍ତି ଅପକର୍ମ ଦୁଇ ପ୍ରକାରର**, ଗୋଟିଏ ଅଲ୍ଲାଃଙ୍କ ସହ କାହାରିକୁ ସମତୁଲ୍ୟ କରିବା ତାଙ୍କ ଶ୍ରେଷ୍ଠତାକୁ ନବୁଝିବା ଓ ତାଙ୍କ ଉପାସନା ଓ ଆଜ୍ଞାକାରୀତାରେ ଅବହେଳା ଓ ଅଳସୁଆମି ପ୍ରଦର୍ଶନ କରିବା । **ଦ୍ୱିତୀୟଟି** ଅଲ୍ଲାଃଙ୍କ ଭକ୍ତମାନଙ୍କ ସହ ଦୟା ଆଚରଣ ଓ ସେମାନଙ୍କ ପ୍ରତି ନିଜ କର୍ତ୍ତବ୍ୟ ସମ୍ପାଦନ ନକରିବା । ବର୍ତ୍ତମାନ ତୁମେ ଏହି ଉଭୟ କିସମର ଅପକର୍ମରୁ ନିବୃତ ରୁହ । ଅଲ୍ଲାଙ୍କ ଆଜ୍ଞାକାରୀ ହୁଅ ବୟତ କରିବା ସମୟରେ ତୁମେ ଯେଉଁ ପ୍ରଣ କରିଛ ତାହା ଉପରେ ପ୍ରତିଷ୍ଠିତ ରୁହ । ଭକ୍ତମାନଙ୍କୁ କଷ୍ଟ ଦିଅ ନାହିଁ, ପବିତ୍ର କୋରାନର ଗଭୀରତାର ସହ ଅନୁଧ୍ୟାନ କର ଏବଂ ତଦନୁଯାୟୀ ଅମଲ କର ସମସ୍ତ ପ୍ରକାରର ପରିହାସ, ମନ୍ଦ ବାର୍ତ୍ତାଳାପ ଓ ଖରାପ ବୈଠକରୁ ନିବୃତ ରୁହ । ପାଂଚବେଳା ନମାଜ ପାଠ କର ଏବଂ ଏପରିକି ଅଲ୍ଲାଃଙ୍କର କୌଣସି ଗୋଟିଏ ହେଲେ ଆଦେଶର ଉଲଙ୍ଘନ କର ନାହିଁ । ନିଜ ଶରୀରକୁ ପରିଷ୍କାର ରଖିବା ସହିତ ହୃଦୟକୁ ମଧ ସମସ୍ତ ପ୍ରକାରର ଖରାପ ଚିନ୍ତା ଓ ଈର୍ଷା, ଗର୍ବରୁ ପବିତ୍ର ରଖ । ଏସବୁକିଛି ଅଲ୍ଲାଃ ତୁମଠାରୁ ଆଶା କରୁଛନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ପ୍ରତ୍ୟେକଙ୍କୁ ନିଜ ନିଜର ନିରିକ୍ଷଣ କରିବା ଆବଶ୍ୟକ ଯେ ସେ କେଉଁ ସ୍ତର ପ୍ରର୍ଯ୍ୟନ୍ତ ନିଜକୁ ଅପବିତ୍ର ଓ ଖରାପ ବୈଠକ ମାନଙ୍କରେ ସାମିଲ ହେବାରୁ ନିବୃତ ରଖିଅଛି । ଓଭସ୍ପରକ୍ଭରସ୍ପ ହେଉ ଅବା ଞ.ଠ କିମ୍ବା ସେହିପରି କୌଣସି କାର୍ଯ୍ୟ କିମ୍ବା ବୈଠକ ଯାହାକି ନମାଜ ପାଠ କରିବାରୁ ଦୂରେଇ ରଖେ ଏସବୁ ମଧ ଶିରକ୍ ଅଟେ । ସୁତରାଂ ଏପରି ଗଭୀରତାର ସହ ନିଜର ନିରିକ୍ଷଣ କରିବା ଉଚିତ୍, ହଜୁର ଆ.ସ ବିଶେଷ କରି ପାଂଚବେଳା ବାଜମାଅତ ଏବଂ ଧାର୍ଯ୍ୟ ସମୟରେ ନମାଜ ପାଠ କରିବା ପ୍ରତି ଧାନ ଆକର୍ଷିତ କରିଛନ୍ତି । ମୁଁ ଏଠାରେ ଯାହା ଅନୁଧ୍ୟାନ କରିଛି ସେଥିରେ ମୋତେ ବହୁତ କିଛି ଦୋଶ ତ୍ରୁଟୀ ପରିଲକ୍ଷିତ ହେଲା । ସେହିପରି ପରିବେଶର ଯେଉଁ ଖରାପ ପ୍ରଭାବ ରହିଛି ପାରସ୍ପରିକ ଭାତୃଭାବ, ସ୍ନେହ ଶ୍ରଦ୍ଧାର କେତେକଙ୍କ ନିକଟରେ ସେହିପରି ନାହିଁ ଯେପରି ହେବା ଉଚିତ୍ ବରଂ ପରସ୍ପର ପ୍ରତି ଈର୍ଷା, ମତାନ୍ତର ଆଦି ରହିଛି । ସୁତରାଂ ନିଜ ଅନ୍ତରରେ ପ୍ରବେଶ କରି ନିଜର ନିରିକ୍ଷଣ କରିବା ଉଚିତ୍ । ଅନ୍ୟର ଦୋଷ ଖୋଜିବା ପରିବର୍ତ୍ତେ କି ସେ କେମିତି ଅଟେ, ନିଜକୁ ଦେଖି ନିଜର ସୁଧାର କର । ତେବେ ବାକି ଅପକର୍ମ ଆପେ ଆପେ ଦୂର ହୋଇଯିବ । କେହି ଜଣେ ହେଲେ ମଧ କହିପାରିବେ ନାହିଁ ଯେ ମୁଁ ସମ୍ପୂର୍ଣ୍ଣ ପବିତ୍ର ଅଟେ ।

ସୁତରାଂ ଆମ୍ଭକୁ ନିଜ ଦୋଷ ତ୍ରୁଟୀ ପାଇଁ ସର୍ବଦା କ୍ଷମା ପ୍ରାର୍ଥନା କରିବା ଉଚିତ୍ । ଅଲ୍ଲାଃ ଆମ୍ଭକୁ ଏଥି ନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ । ଆମ୍ଭେ ପ୍ରକୃତରେ ହଜରତ ମସିହ ମଉଦ ଆ.ସଙ୍କ ବୟତର କର୍ତ୍ତବ୍ୟ ସମ୍ପାଦନକାରୀ ସାବ୍ୟସ୍ତ ହେଉ ।

ପୃଷ୍ଠା-୨ ର ଅବଶିଷ୍ଟାଂଶ......

ରୂପେ ନିକଟରେ ଅଛି, ମୁଁ ଦୁଆ କରିବା ବ୍ୟକ୍ତିର ଦୁଆକୁ ଶୁଣୁଅଛି ଯେତେବେଳେ ସେ ମୋତେ ଡ଼ାକୁଛି । ତେଣୁ ସେମାନଙ୍କୁ ଦରକାର୍ ଯେ ସେମାନେ ମଧ ମୋ କଥାକୁ ଶୁଣନ୍ତୁ ଓ ମୋ ଉପରେ ବିଶ୍ୱାସ ଆଣନ୍ତୁ ଯେପରି ବିଶ୍ୱାସ ଆଣିବା କଥା ଯଦ୍ୱାରା ସେମାନେ ହିଦାୟତ୍ ପାଇଯିବେ । ଏହି ଆୟତରୁ ସ୍ପଷ୍ଟ ରୂପେ ଜଣାପଡୁଛି ଯେ ରମ୍ଜାନ୍ ମାସ ହେଉଛି ଦୁଆର ମାସ, ଅଲ୍ଲାଃତାଲାଙ୍କ ସାନିଧ ହାସଲ କରିବାର ମାସ ଓ ଅଲ୍ଲାଃଙ୍କ ସହିତ ସାକ୍ଷାତ କରିବାର ମାସ । ଆଁ ହଜ୍ରତ୍ ସ:ଆ:ସ ମଧ କହିଛନ୍ତି ଯେ ରୋଜାଦାର୍ଙ୍କ ପାଇଁ ଦୁଇଗୋଟି ଖୁସି ଅଛି । ଗୋଟିଏ ଖୁସି ତାକୁ ସେତେବେଳେ ହୋଇଥାଏ ଯେତେବେଳେ ସେ ଇଫ୍ତାରି କରେ ଓ ଦ୍ୱିତୀୟ ଖୁସି ସେତେବେଳେ ମିଳେ ଯେତେବେଳେ ଅଲ୍ଲାଃତାଲାଙ୍କ ସହିତ ତାର ସାକ୍ଷାତ ହେବ । ହଜ୍ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ କହୁଛନ୍ତି:- ସାକ୍ଷାତ କରିବାର ଅର୍ଥ ଏହି ସଂସାରରେ ସାକ୍ଷାତ୍କାର । ଏଠି ମରିବା ପରେ ସାକ୍ଷାତ୍କାରର ଚର୍ଚ୍ଚା ହେଉନାହିଁ ।

ସୟଦ୍ନା ହଜ୍ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- ''ଶହ୍ରୁ ରମଜାନଲ୍ଲଜ଼ି ଉନ୍ଜିଲା ଫିହିଲ୍ କୁରୁଆନୁ ରୁ ରମ୍ଜାନ୍ ମାସର ବୈଭବ ଜଣାପଡୁଛି । ସୁଫିମାନେ ଲେଖିଛନ୍ତି ଯେ ଏହି ମାସ ହୃଦୟର ଔଜଲ୍ୟ ପାଇଁ ଉତମ ମାସ ଅଟେ । ଏହି ମାସରେ ଅତ୍ୟଧିକ ମୁକାଶିଫାତ୍ (ଦିବ୍ୟଦର୍ଶନ) ହୋଇଥାଏ । ସଲାତ୍ (ନମାଜ) ଆତ୍ମାଶୁଦ୍ଧି କରିଥାଏ ଓ ସୌମ୍ (ରୋଜା) ହୃଦୟକୁ ଔଜଲ୍ୟ ପ୍ରଦାନ କରିଥାଏ । ଆତ୍ମଶୁଦ୍ଧିର ଅର୍ଥ ଏହା ଯେ ନଫ୍ସେ ଅମ୍ମାରାର ବାସନାଠାରୁ ଦୂରତା ହାସଲ କରିବା ଏବଂ ହୃଦୟର ଔଜଲ୍ୟତାର ଅର୍ଥ ଏହା ଯେ କଶ୍ଫ (ଦିବ୍ୟ ଦର୍ଶନ) ର ଦ୍ୱାର ତ ପାଇଁ ଖୋଲିଯିବା । ଯାହା ଫଳରେ ସେ ଅଲ୍ଲାଃଙ୍କୁ ଦେଖିପାରିବ'' । (ମଲ୍ଫୁଜାତ୍ ଖଣ୍ଡ-୨, ପୃଷ୍ଠା-୫୬୧, ଏଡ଼ିଶନ୍-୨୦୦୩, କାଦିଆନ୍)

ଗୋଟିଏ ସୁନ୍ଦର ହଦିସ୍ରେ ରମ୍ଜାନ୍ର ଶ୍ରେଷ୍ଠତା ବିଷୟରେ ଉପସ୍ଥାପନ କରାଯାଉଛି । ଆଁ ହଜ୍ରତ୍ ସ:ଆ:ସ କହୁଛନ୍ତି - ହେ ଲୋକମାନେ ! ବହୁତ ସୌଭାଗ୍ୟ ଓ ବଡ଼ ବର୍କତ୍ ର ମାସ ଆସିଯାଇଅଛି । ଏହା ଏପରି ଏକ ମାସ ଯାହାର ଗୋଟିଏ ରାତି ହଜାର ମାସ ଠାରୁ ବି ଉତ୍କୃଷ୍ଟ । ଏହାର ରୋଜାକୁ ଅଲ୍ଲାଃତାଲା ଧାର୍ଯ୍ୟ କରିଛନ୍ତି ଏବଂ ଏଥିରେ ରାତି ଜାଗିବା ନଫିଲ୍ ରୂପେ ଗଣାଯାଇଛି । ଏହି ମାସ କୁକର୍ମରୁ ବିରତ ରହିବା ଓ ପୁଣ୍ୟକୁ ଧୈର୍ଯ୍ୟର ସହିତ ପାଳନ କରିବାର ମାସ ଅଟେ ଏବଂ ଏହାର ପୁରସ୍କାର ସ୍ୱର୍ଗ ଅଟେ । ଏହା ଅଭାବି ଲୋକଙ୍କ ପାଇଁ ସହାନୁଭୂତି ଓ ମଙ୍ଗଳମୟ ଅଟେ । ଯେଉଁ ମାସରେ ମୋମିନ୍ମାନଙ୍କ ରିଜିକ୍ (ଜୀବନ ନିର୍ବାହ)କୁ ଅଧିକତର କରିଦିଆଯାଏ । ଯିଏ ଏହି ମାସରେ ରୋଜାଦାର୍ଙ୍କୁ ଇଫ୍ତାର କରାଏ ତା ପାପକୁ କ୍ଷମା କରିଦିଆଯାଏ । ଏଥିରେ ରୋଜାଦାର୍ର କୌଣସି ଫଳ ବା ପୁଣ୍ୟ କମ୍ ହୋଇନଥାଏ ଏବଂ ଯିଏ ଅଧିକ ସମ୍ବଳ ରଖି ନଥାଏ ସେ କ୍ଷୀର ବା ଖଜୁର୍ ବା ପାଣି ଦ୍ୱାରା ରୋଜା ଇଫ୍ତାର୍ କରାଇପାରିବେ ତାଙ୍କୁ ମଧ ସେହିଭଳି ଅଲ୍ଲାଃତାଲା ପୁଣ୍ୟ ଦେବେ । ଯିଏ ରୋଜାଦାର୍ଙ୍କୁ ପାଣି ଦ୍ୱାରା ତୃପ୍ତ କରାଇବେ ଖୁଦା ତାଙ୍କୁ ମୋ ହୌଜ୍ (ଝରଣା) ରୁ ଏପରି ପାଣି ପିଆଇବ ଯେ ସେ କଦାପି ଶୋଷିଲା ରହିବ ନାହିଁ । ଏପରିକି ଜନ୍ନତ୍ରେ ଦାଖଲ ହୋଇଯିବ । ଏହା ଏପରି ଏକ ମାସ ଯାହାର ଆରମ୍ଭ ରହ୍ମତ୍ ଏବଂ ମଝି ମଗଫିରତ୍ ଏବଂ ଏହାର ଶେଷ ଭାଗଟି ହେଉଛି ଦୋଜଖ୍ର ନିଆଁରୁ ସ୍ୱାଧୀନତା ପାଇବା । ଯିଏ ଏହି ମାସରେ ନିଜ ଅଧିନସ୍ଥଙ୍କ ଉପରେ ଦୟା କରିବେ ଖୁଦା ତାଙ୍କ ଉପରେ ଦୟା କରିବେ ଓ ତାଙ୍କୁ ଦୋଜଖ୍ର ନିଆଁରୁ ବଂଚାଇବେ । (ମିଶ୍କାତ୍)

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ପବିତ୍ର ରମ୍ଜାନ୍ରୁ ସମ୍ପୂର୍ଣ୍ଣ ଲାଭ ଉଠାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଓ ରମ୍ଜାନ୍ର ପୁଣ୍ୟଗୁଡିକ ଆମପାଇଁ ସର୍ବଦା ରହିଥାଉ । •••••

## ରୋଜା ସମୟରେ ପ୍ରତ୍ୟେକ ପ୍ରକାରର କୁକର୍ମରୁ ବଂଚିବା ପାଇଁ ଚେଷ୍ଟା କରନ୍ତୁ

**ସୟଦ୍ନା ହଜ୍ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଉପଦେଶ**

ପବିତ୍ର ହଦିସ୍ ୱସ୍ ସିୟାମୁ ଜୁନ୍ନତୁନ୍ ଅର୍ଥାତ୍ ରୋଜା ଢ଼ାଲ ଅଟେ ର ବ୍ୟାଖ୍ୟା କରି ସୟଦ୍ନା ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି:-

ଏହି ଢ଼ାଲକୁ ତ ଅଲ୍ଲାଃତାଲା ପ୍ରଦାନ କରିଛନ୍ତି । କିନ୍ତୁ ଏହା ବ୍ୟବହାର କରିବାର ଉପାୟ ଜାଣିବା ମଧ ଆବଶ୍ୟକ । ଏହାର ବି କିଛି ଆବଶ୍ୟକତା ଅଛି ଯାହାକୁ ପୁରା କରିବା ଦରକାର । ତେବେ ଯାଇ ଏହି ଢ଼ାଲର ସୁରକ୍ଷାରେ ତକ୍ୱା ଗ୍ରହଣ କରିବାର ଶକ୍ତି ମିଳିବ । ଏହି ଢ଼ାଲ ସେ ପର୍ଯ୍ୟନ୍ତ କାମ ଦେବ ଯେପର୍ଯ୍ୟନ୍ତ ରୋଜା ରଖିବା ସମୟରେ ଆମ୍ଭେ ପ୍ରତ୍ୟେକ ପ୍ରକାର କୁକର୍ମରୁ ବଂଚିବା ପାଇଁ ଚେଷ୍ଟା କରି ଚାଲିବା । ମିଛ କହିବା ନାହିଁ, ଚୁଗୁଲି କରିବା ନାହିଁ ଏବଂ ଜଣେ ଅନ୍ୟ ଜଣକର ଅଧିକାରକୁ ଛଡାଇ ନେବାନାହିଁ । ନିଜ ଶରୀରର ପ୍ରତ୍ୟେକ ଅଙ୍ଗକୁ ଏପରି ସମ୍ଭାଳି ରଖିବା ଯାହାଦ୍ୱାରା କଦାପି କୌଣସି ପ୍ରକାର ଅତ୍ୟାଚାର ହେବନାହିଁ । ଜଣେ ଅନ୍ୟଜଣଙ୍କର ଭୁଲ୍ ଦେଖିବା ପରିବର୍ତେ ନିଜ ଭୁଲ୍କୁ ଖୋଜିବା ଦରକାର । ଜଣେ ଅନ୍ୟ ଜଣଙ୍କର କୁକର୍ମକୁ ଖୋଜିବା ପରିବର୍ତେ ନିଜର କୁକର୍ମ, ଦୁର୍ବଳତା ଏବଂ ଅଳସୁଆମି ପଣକୁ ଖୋଜି ବାହାର କରିବା ଦରକାର....ରୋଜା ସମୟରେ ଯେତେବେଳେ ଏହିପରି ନିଜର ନିଜେ ପରଖୁଥିବ କାନ, ଆଖି, ଜିଭ, ହାତ ଦ୍ୱାରା ଅନ୍ୟକୁ ନା କେବଳ ସୁରକ୍ଷିତ ରଖୁଥିବ ବରଂ ତାଙ୍କର ସାହାଯ୍ୟ କରୁଥିବ ତେବେ ଯାଇ ଏହି ରୋଜା ତକ୍ୱାକୁ ବଢ଼ାଇବା ବାଲା ହେବ । ଏବଂ ଅଲ୍ଲାଃତାଲାଙ୍କ ନିକଟରେ ଅସଂଖ୍ୟ ପୁରସ୍କାର ପାଇପାରିବ ।

**(ଖୁତ୍ବାଜୁମା ୭ ଅକ୍ଟୋବର-୨୦୦୫)**

••••••••••••

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

••••••••••••

ପୃଷ୍ଠା-୮ର ଅବଶିଷ୍ଟାଂଶ......

ଭାଷଣ ମୋ ଉପରେ ବହୁତ ଗଭୀର ପ୍ରଭାବ ପକାଇଛି ଏବଂ ମୋତେ ଜାଣି ବହୁତ ଖୁସି ଲାଗିଲା ଯେ ଇସ୍‌ଲାମ୍ ହେଉଛି ଗୋଟିଏ ଶାନ୍ତିପ୍ରିୟ ଧର୍ମ । ଏହି ଭାଷଣଟି ମୋତେ ବହୁତ ପସନ୍ଦ ଆସିଲା । କାରଣ ଏଥିରେ ସମସ୍ତ ଧର୍ମକୁ ସମ୍ମାନ ଦେବାର ଚର୍ଚ୍ଚା ଥିଲା । ଯାହା ଉପରେ ମୋର ପ୍ରଗାଢ଼ ବିଶ୍ୱାସ । ଉଦାହରଣ ସ୍ୱରୂପ-ସ୍ୱାଧୀନତା, ଧୈର୍ଯ୍ୟ ଓ ଶାନ୍ତି । ମୁଁ ଜଣେ ନୈଷ୍ଠିକ ଇସାୟି ଅଟେ ଏବଂ ରୋମାନ୍ କ୍ୟାଥୋଲିକ୍ ଚର୍ଚ୍ଚ ସହିତ ମୋର ସମ୍ପର୍କ ଅଛି । ଆଜି ଯେଉଁ ବାର୍ତ୍ତା ଦିଆଯାଇଛି ସେଥିରେ ମୋର ବିଶ୍ୱାସ ଅଛି । ହଜ୍‌ରତ୍ ଅକ୍‌ଦସ୍ ଓ ଜମାତ୍ ଅହେମଦୀୟା ଆମ କମ୍ୟୁନିଟି ରେ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ବହୁତ ସାହାଯ୍ୟ କରୁଛନ୍ତି ।

ମେମ୍ବର୍ ପାର୍ଲିଆମେଂଟ୍ ଫଏସଲ୍ ଅଲ୍‌ଖୁରି ନିଜର ଭାବନା ବ୍ୟକ୍ତ କରି କହିଲେ- ମୁଁ ଖଲିଫାଙ୍କ ଭାଷଣ ଦ୍ୱାରା ବହୁତ ପ୍ରଭାବିତ ହୋଇଛି ଏବଂ ଉକ୍ତ ସମସ୍ତ ସେବା ଯାହା ଆପଣଙ୍କ ଜମାତ୍ ମାନବ ଜାତି ପାଇଁ କରିଚାଲିଛି ମୁଁ ସେଥିପାଇଁ ହୃଦୟରୁ ଧନ୍ୟବାଦ ଦେଉଛି ଏବଂ ଆଶାକରୁଛି ଯେ ଏହି କାମ ସେହିପରି ଜାରି ରହିବ । ମୋତେ ଏ କଥାରେ ବହୁତ ଗର୍ବ ହେଉଛି ଯେ ଜମାତ୍ ଅହେମଦୀୟାର ବହୁତ ଲୋକ ମୋର ବନ୍ଧୁ ଅଟନ୍ତି । ଆମର ଇଚ୍ଛା ଯେ ଖଲିଫା ସୁସ୍ଥ, ସବଳ ଓ ଦୀର୍ଘାୟୁ ହୁଅନ୍ତୁ ଓ ସେ ନିଜର କାର୍ଯ୍ୟଗୁଡ଼ିକୁ ସୁନ୍ଦର ରୂପେ ତୁଲାଇ ଚାଲନ୍ତୁ ।

ମେରି ଫ୍ରାନ୍‌ସ ଲ୍ୟୁଲୋନ୍ଦ୍ କହିଲେ- ଏହା ଆମପାଇଁ ବହୁତ ଗର୍ବର ବିଷୟ ଯେ ମୋତେ ଖଲିଫାଙ୍କର ଭାଷଣ ଯାହା ଅତ୍ୟନ୍ତ ସାରଗର୍ଭକ ଥିଲା ଶୁଣିବାକୁ ମଉକା ମିଳିଲା ଏବଂ ଦୁନିଆର ଶାନ୍ତି ଓ ସୌହାର୍ଦ୍ଦ୍ୟ ପାଇଁ ଯେଉଁ ଦୃଷ୍ଟି ହଜୁରଙ୍କର ଅଛି ତାହା ଶୁଣିବାକୁ ମିଳିଲା । ମୋତେ ଏହି କଥାରେ ବହୁତ ଆନନ୍ଦ ମିଳୁଛି ଯେ ଖଲିଫା ସାରା ଦୁନିଆରେ ଏହି ବାର୍ତ୍ତାକୁ ନିଜେ ପହଂଚାଇ ଚାଲିଛନ୍ତି ଏବଂ ଏହା ବିଶେଷ ରୂପେ ଆବଶ୍ୟକ ଅଛି କାରଣ ଅଜ୍ଞାନତା ଭୟ ଜନ୍ମ କରାଏ ଓ ହଜୁର୍ ନିଜର ମୂଲ୍ୟବାନ୍ ସମୟଗୁଡ଼ିକ ଭିତରୁ ସମୟ ବାହାର କରି ଏହି ବାର୍ତ୍ତା ଲୋକମାନଙ୍କୁ ପହଂଚାଇ ଚାଲିଛନ୍ତି ।

ମେମ୍ବର୍ ପାର୍ଲିଆମେଂଟ୍ ଜୋଡ଼ି ସିଗ୍ରୋ ନିଜର ଭାବନା ବ୍ୟକ୍ତ କରି କହିଲେ-ଆମ ସମସ୍ତ ପାର୍ଲିଆମେଂଟ୍ ମେମ୍ବରମାନଙ୍କ ପାଇଁ ହଜୁରଙ୍କର ଭାଷଣଟି ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ହଜୁରଙ୍କର ଭାଷଣ ଉପଦେଶରେ ପରିପୂର୍ଣ୍ଣ ଥିଲା ଯେ ଆମେ କିପରି ତୃତୀୟ ବିଶ୍ୱଯୁଦ୍ଧରୁ ବଂଚିପାରିବା । ଏହି କଥାଟି ହଜୁରଙ୍କର ଭାଷଣରୁ ବାରିହେଉଥିଲା ଯେ ଆମକୁ ଏହି ଭୟାବହ ପରିସ୍ଥିତିରୁ ବଂଚିବାକୁ ହେଲେ ଜଣେ ଅନ୍ୟଜଣଙ୍କ ସାହାଯ୍ୟ କରିବାକୁ ହେବ । ଆପଣଙ୍କର ଏହି ବାର୍ତ୍ତା ବର୍ତ୍ତମାନ ସମୟରେ ସଂସାରରେ ପହଂଚାଇବାକୁ ନିତ୍ୟାନ୍ତ ଆବଶ୍ୟକ । ଆମକୁ ଏହି କଥାର ଆବଶ୍ୟକ ଅଛି ଯେ ପ୍ରତ୍ୟେକ ଧର୍ମ ଏହି ଛଅଗୋଟି ଶବ୍ଦ ଉପରେ ଚିନ୍ତା କରିବା ଉଚିତ୍ । ଅର୍ଥାତ୍-''ମହବତ୍ ସବ୍ କେଲିଏ, ନଫରତ୍ କିସି ସେ ନେହିଁ'' ମୋର ପ୍ରାର୍ଥନା ଯେ ଅଲ୍ଲାହତାଲା ତାଙ୍କୁ ସୁସ୍ଥ ସବଳ ରଖନ୍ତୁ ଏବଂ ଦୀର୍ଘାୟୁ କରନ୍ତୁ । ଯଦ୍ୱାରା ସେ ନିଜର ବାର୍ତ୍ତାକୁ ପ୍ରସାର କରିଚାଲିବେ ।

ଚିଫ୍ ଇମାମ୍ ଏବଂ ସ୍କଲାର୍ ମହମ୍ମଦ୍ ଜିବାରା ନିଜର ଭାବ ବ୍ୟକ୍ତ କରି କହିଲେ- ମୁଁ ହେଉଛି ଜଣେ ସୁନି ଇମାମ୍ ଓ ମୋତେ କହିବାକୁ ସଂକୋଚ ନାହିଁ ଯେ ଏହି ଭାଷଣ ସଂସାରରେ ଶାନ୍ତି ପ୍ରତିଷ୍ଠା ପାଇଁ ମୂଳଦୁଆ ସଦୃଶ ଏବଂ ଏହାର ଆଜିର ଦୁନିଆରେ ଅତ୍ୟନ୍ତ ଆବଶ୍ୟକ ଅଛି । ଖଲିଫାଙ୍କର ଭାଷଣ ସାରଗର୍ଭକ ଥିଲା । କାରଣ ଆପଣ କୌଣସି ଗୋଷ୍ଠୀ ଉପରେ ଦୋଷ ଲଦିଲେ ନାହିଁ ବରଂ କହିଲେ ଯେ ଦୁନିଆରେ ଅଶାନ୍ତି ପ୍ରତ୍ୟେକ ଗୋଷ୍ଠୀଙ୍କ ଦୁର୍ବଳତାର ହିଁ କାରଣ ଅଟେ । ଆପଣ କହିଲେ ଯେ ଆମକୁ ନିଜର ଦୋଷ ଓ ଦୁର୍ବଳତାକୁ ଗ୍ରହଣ କରିବା ଉଚିତ୍ । ତାପରେ ଭଲ କାର୍ଯ୍ୟ କରିବା ପାଇଁ ଆଗକୁ ବଢ଼ିବା ଉଚିତ୍ । ଆପଣ ନିଜର ଭାଷଣରେ ଇସ୍‌ଲାମୀୟ ଶିକ୍ଷା ପ୍ରତି ଧ୍ୟାନ ଆକର୍ଷଣ କରାଇ କହିଲେ ଯେ ପ୍ରତ୍ୟେକ ଲୋକର କିଛି ନା କିଛି ଭୂଲ୍ ଅଛି । ହଜୁର୍ ଏପରି ବହୁତ ବିଷୟ ବର୍ଣ୍ଣନା କଲେ ଯାହାର ଆବଶ୍ୟକତା ଥିଲା ଏବଂ କାନୁନ୍ ତିଆରି କରିବା ଲୋକଙ୍କ ପାଇଁ ବିଭିନ୍ନ ପ୍ରକାରର ସମାଧାନ ବତାଇଲେ । ଆପଣ କହିଲେ ଯେ ନ୍ୟାୟ ପ୍ରତିଷ୍ଠା କରିବାକୁ ହେଲେ ସମାନତାର ଆବଶ୍ୟକତା ଅଛି । ଆପଣ ଇସ୍‌ଲାମୀୟ ଦୃଷ୍ଟିକୋଣକୁ ବହୁତ ସୁନ୍ଦର ରୂପେ ଉପସ୍ଥାପନ କଲେ ଏବଂ ବହୁତ ଗୁଡ଼ିଏ କଠିନ ସମସ୍ୟାଗୁଡ଼ିକୁ ଏପରି ସୁନ୍ଦର ଭାବରେ ବର୍ଣ୍ଣନା କଲେ ଯେ ଲୋକମାନଙ୍କର ହୃଦୟକୁ ଯେପରି କୌଣସି ଆଘାତ ନ ପହଂଚେ ।

ମେମ୍ବର୍ ପାର୍ଲିଆମେଂଟ୍ କିଉନ୍ ୱାନେ କହିଲେ- ଏହା ଅତ୍ୟନ୍ତ ସୁନ୍ଦର ବାର୍ତ୍ତାଳାପ ଥିଲା । ହଜୁରଙ୍କର କହିବାର ଶୈଳୀ ବହୁତ ଉପଯୁକ୍ତ ଥିଲା । ଯଦ୍ୱାରା ଶ୍ରୋତାମାନଙ୍କୁ ଆପଣଙ୍କ ବାର୍ତ୍ତା ଗ୍ରହଣ କରିବା ପାଇଁ ମୌକା ମିଳିଲା । ହଜୁର୍ କମ୍ ଶବ୍ଦରେ ବହୁତ ଗୁଡ଼ିଏ ବିଷୟ ଉପରେ ଆଲୋକପାତ କଲେ । ମୁଁ ବିଶେଷ ରୂପେ ଏଥିଯୋଗୁଁ ପ୍ରଭାବିତ ହୋଇଛି ଯେ ଆପଣ ନିଜ ଭାଷଣରେ ପବିତ୍ର କୋରାନ୍‌ରୁ ବହୁତ ଗୁଡ଼ିଏ ରିଫରେନ୍‌ସ ଉପସ୍ଥାପନ କଲେ । ଯାହାଦ୍ୱାରା ଆମର ଜ୍ଞାନ ବଢ଼ିଲା ।

ହାଇ କମିଶନର୍ ଜେମିକା ଜେନସ୍ ମିଲର୍ ନିଜର ଭାବନା ବ୍ୟକ୍ତ କରି କହିଲେ ଏ ଯେଉଁ କଥା ଗୁଡ଼ିକ ଖଲିଫା କହିଲେ ଯେ ପ୍ରତ୍ୟେକ ଲୋକଙ୍କ ହକ୍ ଅଛି ଯେ ସେ ସ୍ୱାଧୀନତାର ସହିତ ରହିପାରିବେ । ଏପରି ବାର୍ତ୍ତା ଯେଉଁଥିରେ ଶାନ୍ତି ଶହନଶୀଳତା ଓ ସ୍ୱାଧୀନତାର ବାର୍ତ୍ତା ଯାହା ବର୍ତ୍ତମାନ ଯୁଗରେ ଅତ୍ୟନ୍ତ ଆବଶ୍ୟକ ଅଟେ । ଜର୍ମାନୀର ରାଜଦୂତ ୱିନର୍ ୱେଂଟ୍ କହିଲେ ଯେଉଁ ଶବ୍ଦରେ ହଜୁର୍ ଭବିଷ୍ୟତର ନକ୍ସା ପରିବେଷଣ କଲେ ଆମେ ସମସ୍ତେ ଏପରି ଶାନ୍ତିପ୍ରିୟ ଭବିଷ୍ୟତ ଚାହୁଁଅଛୁ । ଏହି ଭାଷଣ ଦ୍ୱାରା ଆମେ ଏହା ବୁଝିପାରିଲୁ ଯେ ଇସ୍‌ଲାମ୍ ଗୋଟିଏ ଶାନ୍ତିପୂର୍ଣ୍ଣ ଧର୍ମ ଅଟେ । ଆମେ ସମସ୍ତେ ୟୁରୋପ୍‌କୁ ଆସୁଥିବା ଲୋକମାନଙ୍କ ସହିତ ମିଳିମିଶି ରହିପାରିବା । ଆପଣଙ୍କ ଭାଷଣରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଏହା ଥିଲା ଯେ ଆମେ ସମସ୍ତେ ସଂସାରର ଉନ୍ନତି ପାଇଁ ଚେଷ୍ଟା କରିବା ଉଚିତ୍ ଏବଂ ଏହାକୁ ସୁନିଶ୍ଚିତ କରିବାକୁ ହେବ ଯେ ସାଧାରଣ ଲୋକକୁ ଏକା ଏକା ନିଜର ଜୀବନ ଅତିବାହିତ କରିବା ପାଇଁ ଅନୁମତି ମିଳିବା ଉଚିତ୍ ।

ମେମ୍ବର୍ ପାର୍ଲିଆମେଂଟ୍ କ୍ରିଷ୍ଟି ଡଙ୍କନ୍ ନିଜର ଭାବନା ବ୍ୟକ୍ତ କରି କହିଲେ ଖଲିଫା ସାହେବଙ୍କ ସହି ଯେଉଁ ସମୟ ମିଳିଲା ତାହା ବହୁତ ପ୍ରଭାବଶାଳୀ ଏବଂ ବିନମ୍ରତାର ସମୟ ଥିଲା । ଗୋଟିଏ କଥା ଯାହା ମୋ ମନକୁ ଛୁଇଁଲା ତାହା ଏହା ଯେ ଯିଏ ଥରେ ବନ୍ଧୁ ହୋଇଯାଏ ସେ ସବୁବେଳ ପାଇଁ ବନ୍ଧୁ ହୋଇଯାଏ । ଆପଣ ନିଜର ଭାଷଣରେ ବିଭିନ୍ନ ବିଷୟ ଉପରେ ଆଲୋକପାତ କଲେ । ଉଦାହରଣ ସ୍ୱରୂପ- ନ୍ୟାୟ, ଶାନ୍ତି, ନୌଯବାନ୍, ଜାତିସଂଘ ଏବଂ ଆମ ସମସ୍ତଙ୍କୁ ମିଳିମିଶି ମାନବ ଜାତିର ଉନ୍ନତି କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଜମାତ୍ ଅହେମଦୀୟା ମୋ ପାଇଁ ଗୋଟିଏ ଦୟାଶୀଳ ପରିବାର ସଦୃଶ ଅଟେ ।

ମେମ୍ବର୍ ପାର୍ଲିଆମେଂଟ୍ ରାଜ୍ ସିନି ନିଜର ଭାବନା ବ୍ୟକ୍ତ କରି କହିଲେ ହଜୁରଙ୍କର ଏହି କଥା ଉପରେ ଗୁରୁତ୍ୱ ଦେବା କି ଇସ୍‌ଲାମ୍ ଗୋଟିଏ ଶାନ୍ତିପ୍ରିୟ ଧର୍ମ ଅଟେ । ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ଯେଉଁ ମୁସଲମାନ୍ ଏହି ଶାନ୍ତିପ୍ରିୟ ବାର୍ତ୍ତାକୁ ଅନୁସରଣ କରୁନାହାଁନ୍ତି ସେମାନେ ସଚ୍ଚା ମୁସଲମାନ୍ ନୁହଁନ୍ତି ।.............

ଇସ୍‌ରାଇଲ୍ ରାଜଦୂତ ରାଫେଲ୍ ବାରାକ୍ ନିଜର ଭାବନା ବ୍ୟକ୍ତ କରି କହିଲେ କେଢ଼େ ପ୍ରଭାବଶାଳୀ ଭାଷଣ ଥିଲା । ଶାନ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଥିଲା ଏବଂ ଏହା ଏପରିକି ପ୍ରତ୍ୟେକ ଧର୍ମକୁ ଦରକାର ସେ କିପରି ଅନ୍ୟର ସମ୍ମାନ କରିବ । ଆଜି ଇସ୍‌ଲାମ୍ ସମ୍ବନ୍ଧରେ ମୋର ଚିନ୍ତାଧାର ବଦଳିଗଲା ଏବ ତାପାଇଁ ସମ୍ମାନ ବଢ଼ିଗଲା । ଏହି ଭାଷଣକୁ ଛପାଇ ପ୍ରସାର କରିବା ଉଚିତ୍ । ଅଧିକରୁ ଅଧିକ ଲୋକ ପର୍ଯ୍ୟନ୍ତ ପହଂଚାଇବା ଉଚିତ୍ । ଯଦି ଲୋକମାନେ ଏହାର ଅନୁସରଣ କରିବେ । ତେବେ ଦୁନିଆର ଗମ୍ଭୀରରୁ ଗମ୍ଭୀର ସମସ୍ୟା ମଧ୍ୟ ସମାଧାନ ହୋଇପାରିବ । ମୋତେ ହଜୁରଙ୍କର ଭାଷଣରେ ସହନଶୀଳତାର ପାର୍ଶ୍ୱଟି ବହୁତ ପସନ୍ଦ ଆସିଲା । ତାହା ଏପରି ଥିଲା ଯେ ସମସ୍ତ ଲୋକଙ୍କର ହକ୍ ପ୍ରଦାନ କରାଯାଉ । ସେ ମୁସଲମାନ ହୁଅନ୍ତୁ ବା ୟହୁଦି ହୁଅନ୍ତୁ । ସମସ୍ତଙ୍କର ହକ୍ ସମସ୍ତଙ୍କୁ ଦେବା ଉଚିତ୍ । ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରଭାବଶାଳୀ ବାର୍ତ୍ତା ଥିଲା । ମୋତେ ବହୁତ ଖୁସି ଲାଗୁଛି ଯେ ହଏଫାରେ ପ୍ରତିଷ୍ଠିତ ଜମାତ୍ ଅହେମଦୀୟା ଭଲ କାମ କରୁଅଛି । ମୁଁ ହଜୁରଙ୍କୁ ହାଇଫା ଆସିବା ପାଇଁ ନିମନ୍ତ୍ରଣ ଦେଉଅଛି । ଯଦ୍ୱାରା ଆପଣ ସେଠିକା ଜମାତ୍‌ର କାର୍ଯ୍ୟକଳାପକୁ ଦେଖିପାରିବେ । ମୋର ଜ୍ଞାନ ଅଛି ଯେ ଖଲିଫତୁଲ୍ ମସିହ୍ ସାନି ର:ଅ ଆମ ନିକଟକୁ ଆସିଥିଲେ ଏବଂ ଆମର ମଧ୍ୟ ଏହା ଇଚ୍ଛା ଯେ ବର୍ତ୍ତମାନର ଖଲିଫା ମଧ୍ୟ ସେଠାକୁ ଆସନ୍ତୁ ।

(ବ ହୱାଲା ଅଖବର୍ ବଦର୍ ୧୫ ଡିସେମ୍ବର-୨୦୧୬

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 25 MAY 2017 Issue No. 21

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

■ ହଜୁର୍‌ଙ୍କର ନିପୁଣ ବ୍ୟକ୍ତିତ୍ୱ ଥିଲା ଓ ଶବ୍ଦ ଗୁଡିକ ବହୁତ ପ୍ରଭାବଶାଳୀ ଥିଲା, ଆପଣଙ୍କର ଭାଷଣ ଅତ୍ୟନ୍ତ ଉତମ ଥିଲା ଯେଉଁଥିରେ ସାରା ଦୁନିଆର ସମସ୍ୟାଗୁଡିକୁ ସଂକ୍ଷିପ୍ତ ରୂପେ ପରିବେଷଣ କରାଗଲା । ମୁଁ ଏହା ପୂର୍ବରୁ ଏହାଠାରୁ ଭଲ ଉତମ ଭାଷଣ କଦାପି ଶୁଣିନାହିଁ । ମୋତେ ବହୁତ ଖୁସି ଲାଗିଲା ଯେ ଆଜି ମୁଁ ଏହି ଶାନ୍ତିଦୂତଙ୍କର ବକ୍ତବ୍ୟକୁ ଶୁଣିପାରିଲି । ଆପଣ ଏକୁଟିଆ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ପରିଚୟ କରାଉଥିଲେ ।(ପାର୍ଲିଆମେଂଟ୍ ମେମ୍ବର୍ ନିକୋଲାଡ଼ିଔରୟୁ)

■ ମୁଁ ଜଣେ ସୁନି ଇମାମ୍ ଏବଂ ମୋତେ କହିବା ପାଇଁ କୌଣସି ସଙ୍କୋଚ ହେଉନାହିଁ ଯେ ଏହି ଭାଷଣଟି ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ମୂଳଦୁଆ ସଦୃଶ ଅଟେ । ଏହି ଭାଷଣ ଆଜିର ସମୟରେ ଦୁନିଆ ପାଇଁ ବହୁତ ଜରୁରୀ ଅଟେ । ଖଲିଫାଙ୍କ ଭାଷଣ ବୁଦ୍ଧିମତାରେ ପରିପୂର୍ଣ୍ଣ ଥିଲା । ହଜୁର୍ ଏପରି ବହୁତ ବିଷୟ ବର୍ଣ୍ଣନା କଲେ ଯାହା ଆଜି ସମସ୍ତଙ୍କ ପାଇଁ ଜରୁରୀ ଥିଲା । (ଚିଫ୍ ଇମାମ୍ ଓ ସ୍କଲାର୍ ମହମ୍ମଦ୍ ଜିବାରା)

■ ବହୁତ ପ୍ରଭାବଶାଳୀ ଭାଷଣ ଥିଲା । ଶାନ୍ତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବାର୍ତା ଥିଲା । ସେଥି ମଧ୍ୟରୁ ଗୋଟିଏ ଏହା ଯେ ପ୍ରତ୍ୟେକ ଧର୍ମକୁ କିପରି ଅନ୍ୟର ସମ୍ମାନ କରିବା ଉଚିତ୍ । ଆଜି ଇସ୍‌ଲାମ୍ ସମ୍ବନ୍ଧରେ ମୋର ଭାବନା ବଦଳିଗଲା ଏବଂ ଏହାର ସମ୍ମାନ ବଢ଼ିଗଲା । ଏହି ଭାଷଣକୁ ଛପାଇ ପ୍ରସାର କରିବା ଉଚିତ୍ ଓ ଅଧିକରୁ ଅଧିକ ଲୋକ ପର୍ଯ୍ୟନ୍ତ ଏହାକୁ ପହଂଚାଇବା ଉଚିତ୍ । (ଇସ୍‌ରାଇଲ୍ ଓ ରାଜଦୂତ ରାଫିଲ୍ ବାରାକ୍)

**ହଜୁର୍ ଅ:ବ:ଅ ଙ୍କ ଭାଷଣ ଶୁଣିବା ପରେ ଅତିଥି ମାନଙ୍କର ମନୋଭାବ**

ତା-୧୭ ଅକ୍ଟୋବର ୨୦୧୬ ରିଖ ଦିନ ହଜୁର ଅନୁଓ୍ୱର ଅ:ବ:ଅ କାନାଡ଼ାର ପାର୍ଲିଆମେଂଟ୍ ''ପାର୍ଲିଆମେଂଟ୍ ହିଲ୍''ରେ ପଦାର୍ପଣ କଲେ । ହଜୁର୍ ଅନୁଓ୍ୱର୍‌ଙ୍କୁ ପାର୍ଲିଆମେଂଟ୍‌ରେ ଭବ୍ୟ ସ୍ୱାଗତ କରାଗଲା । ପାର୍ଲିଆମେଂଟ୍‌ରେ ବିଭିନ୍ନ ସିନେଟ୍ ଓ ମିନିଷ୍ଟର୍ ହଜୁର୍‌ଙ୍କ ସହିତ ସାକ୍ଷାତ୍ କଲେ । ହଜୁର୍ ଅନୁଓ୍ୱର ପାର୍ଲିଆମେଂଟ୍‌ରେ ଦୁନିଆର ଅବସ୍ଥା ଏବଂ ଶାନ୍ତି ପ୍ରତିଷ୍ଠା ପ୍ରସଙ୍ଗରେ ବିଜ୍ଞତାପୂର୍ଣ୍ଣ ଭାଷଣ ପ୍ରଦର୍ଶନ କଲେ । ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣକୁ ଜ୍ଞାନୀ, ରାଜନିତୀଜ୍ଞ ଏବଂ ଜୀବନର ବିଭିନ୍ନ ବିଭାଗରେ ସମ୍ପର୍କ ରଖିଥିବା ଲୋକମାନେ ବହୁତ ପସନ୍ଦ କଲେ ଏବଂ ନିଜର ସୁନ୍ଦର ଭାବ ବ୍ୟକ୍ତ କଲେ । ହଜୁର୍ ଅନୁଓ୍ୱର୍‌ଙ୍କର ଉକ୍ତ ଦିନର କାର୍ଯ୍ୟାବଳୀ ବହୁତ ଇମାନ୍ ଅଫରୋଜ୍ ଥିଲା । ତେଣୁ ପାଠକଙ୍କ ନିମନ୍ତେ ଉକ୍ତ ଦିନର ସମ୍ପୂର୍ଣ୍ଣ କାର୍ଯ୍ୟାବଳୀ ଆସନ୍ତା କିଛି ଅଙ୍କରେ ଧାରାବାହିକ ରୂପେ ପ୍ରକାଶ କରାଯାଉଅଛି । (ଏଡ଼ିଟର୍)

## ଅଷ୍ଟମ ଭାଗ (ଶେଷଭାଗ)

## ଅତିଥି ମାନଙ୍କର ମନୋଭାବ

ଆଜି ପାର୍ଲିଆମେଂଟ୍ ହିଲ୍ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଭାଷଣ ଅତିଥିମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଲା । ହଜୁର୍‌ଙ୍କ ଭାଷଣ ଅତିଥିମାନଙ୍କର ମନକୁ ଛୁଇଁଲା ଓ ଅନେକ ଅତିଥି ନିଜର ମନୋଭାବକୁ ପ୍ରକାଶ ନକରି ରହିପାରିଲେ ନାହିଁ ।

ମେମ୍ବର୍ ପାର୍ଲିଆମେଂଟ୍ କାର୍ଲା କାଲ୍‌ଟ୍ରୋଫ୍ ନିଜର ଭାବନା ବ୍ୟକ୍ତ କରି କହିଲେ-ଭାଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଭାବଶାଳୀ ଥିଲା । ଆମକୁ ଏହିପରି ଅନେକ ସଭାର ଆବଶ୍ୟକତା ଅଛି । ଯାହାଦ୍ୱାରା ଶାନ୍ତିରେ ଉନ୍ନତି ଘଟିବ । ମୋ ଇଲାକାରେ ଜମାତ୍ ଅହେମଦୀୟା ଏହି କାର୍ଯ୍ୟ କରିଚାଲିଛି । ଫଳରେ ବହୁତ ଫରକ ପଡ଼ିଲାଣି ।

ମେମ୍ବର୍ ପାର୍ଲିଆମେଂଟ୍ ନିକୋଲାଡ଼ିଔରୟୁ ନିଜର ଭାବନା ବ୍ୟକ୍ତ କରି କହିଲେ- ହଜୁର୍‌ଙ୍କ ବ୍ୟକ୍ତିତ୍ୱ ନିପୁଣ ଥିଲା ଏବଂ ଶବ୍ଦଗୁଡିକ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ଆପଣଙ୍କର ଭାଷଣ ବହୁତ ଥିଲା ଯେଉଁଥିରେ ସାରା ଦୁନିଆର ସମସ୍ୟାକୁ ସଂକ୍ଷିପ୍ତ ରୂପେ ଉପସ୍ଥାପନ କରାଯାଇଥିଲା । ଆପଣ ଧର୍ମୀୟ ଦୃଷ୍ଟି କୋଣରୁ ଦୁନିଆର ସମସ୍ୟା ଉପରେ ଆଲୋକପାତ କଲେ । ଜମାତ୍ ଅହେମଦୀୟା ଗୋଟିଏ ଜବର୍‌ଦସ୍ତ ଜମାତ୍ ଅଟେ ଏବଂ ଧର୍ମୀୟ ଗୋଷ୍ଠୀମାନଙ୍କ ପାଇଁ ଗୋଟିଏ ଦୃଷ୍ଟାନ୍ତ ଅଟେ । ହଜୁର୍ ଅକ୍‌ଦସ୍ ଆମର ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଲେ ଯେ ଆମକୁ ଧର୍ମ ସମ୍ବନ୍ଧରେ ଧୈର୍ଯ୍ୟ ରଖିବାକୁ ହେବ । ଆମେ ବହୁତ ବଡ଼ ପରିବର୍ତନ ଆଣିପାରିବା । ଯଦି ଆମେ ସମସ୍ତେ ଏହି ଗୋଟିଏ ଗୁଣକୁ ଗ୍ରହଣ କରିବା ଅର୍ଥାତ୍-ଧୈର୍ଯ୍ୟ । ମୁଁ ଆଶ୍ଚର୍ଯ୍ୟ ହେଉଛି କାରଣ ମୋର ଏ ଭାବନା ଥିଲା ଯେ ହଜୁର୍ ଅଳ୍ପ କିଛି ଶବ୍ଦ ଧନ୍ୟବାଦ ରୂପେ କହି ବସିଯିବେ । କିନ୍ତୁ ଯେଉଁ ଭାଷଣ ପରିବେଷଣ କଲେ ତାହା କେବେ ବି ମୁଁ ଶୁଣିନଥିଲି । ସେ ଏହି ସମସ୍ତ ସମସ୍ୟା ଯାହାକୁ ଆଜି ସାର ସଂସାର ସମ୍ମୁଖୀନ ହେଉଛି ଏହା ଉପରେ ଆଲୋକପାତ କଲେ । ଉଦାହରଣ ସ୍ୱରୂପ-ପାଣିପାଗ ପରିବର୍ତନ, ଆର୍ଥିକ ସମସ୍ୟା, ଗୃହଯୁଦ୍ଧ ଏବଂ ଆପଣ ବର୍ଣ୍ଣନା କଲେ ଯେ ଏହାର ମୂଳ କାରଣ ହେଉଛି ଅନ୍ୟାୟ । ଆପଣ ବର୍ତମାନ ସମୟର ସମସ୍ୟା ଗୁଡିକର ସମାଧାନ ମଧ୍ୟ ବତାଇଲେ ଯେପରି ଆପଣ କହିଲେ ଯେ ଧର୍ମ ସମ୍ବନ୍ଧରେ କାହାକୁ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ ବା ଯୁଦ୍ଧ ସାମଗ୍ରୀ କିଣା ବିକା ଇତ୍ୟାଦି । ମୋତେ ଆଜି ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହେବା ଫଳରେ ବହୁତ ଖୁସି ଅନୁଭବ ହେଉଛି । କାରଣ ମୁଁ ଆଜି ଏହି ଶାନ୍ତିଦୂତଙ୍କର ବାର୍ତାକୁ ଶୁଣିପାରିଲି । ସେ ଏକୁଟିଆ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ପରିଚୟ କରାଉଛନ୍ତି ।

ମେମ୍ବର ପାର୍ଲିଆମେଂଟ୍ ଅମରଜିତ୍ ସୋହି ନିଜର ଭାବନା ବ୍ୟକ୍ତ କରି କହୁଛନ୍ତି-ଏହା ମୋ ପାଇଁ ଗର୍ବର ବିଷୟ ଯେ ମୁଁ ଆଜି ହଜୁର୍‌ଙ୍କ ଠାରୁ ଇସ୍‌ଲାମୀୟ ଶିକ୍ଷା ଶୁଣିବାକୁ ପାଇଲି ଏବଂ ଆମେ କିପରି ସମାଜରେ ଉତମ ପରିବର୍ତନ ଆଣିପାରିବା । ଏହି ବାର୍ତାଟି ମୋ ଉପରେ ଗଭୀର ପ୍ରଭାବ ପକାଇଲା । କାରଣ ମୁଁ ନିଜେ ହେଉଛି ମୁହାଜିର୍ । ଏବଂ ନିଜେ ତଜୁର୍ବା କରିସାରିଛି ଯେ ରେସିଜିମ୍ ମଣିଷ ଉପରେ କଣ ପ୍ରଭାବ ପକାଏ । ମୋ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବାର୍ତା ଏହାଥିଲା ଯେ ଆମକୁ ଏପରି ସମାଜ ଗଠନ କରିବାକୁ ହେବ ଯେଉଁଥିରେ ଆମେ ଜଣେ ଅନ୍ୟ ଜଣଙ୍କର ବ୍ୟତିକ୍ରମକୁ ସହିପାରିବା ଏବଂ ତା ସହିତ ଆମେ ନ୍ୟାୟ କରିପାରିବା । ଆମ ସମସ୍ତଙ୍କୁ ମିଳିମିଶି ଇସ୍‌ଲାମ୍‌ର ଖିଲାଫ୍‌ରେ ଯେଉଁ ଘୃଣା ଅଛି ଏବଂ ପ୍ରତ୍ୟେକ ପ୍ରକାର ଘୃଣାକୁ ରୋକିବାକୁ ହେବ ।

ମେମ୍ବର ପାର୍ଲିଆମେଂଟ୍ ଗ୍ରେଗ୍ ଫାର୍ଗସ୍ ନିଜର ଭାବନା ବ୍ୟକ୍ତ କରି କହିଲେ-

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ....*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan